# ସମ୍ବର୍ଦ୍ଧିତ ହେଲେ କାନ୍ତକବିଙ୍କ ଦାୟାଦ

ଭଦ୍ରକ, ୧।୪(ସନାତନ ରାଉତ)

ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ବୁଧବାର ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସକାଳ ୮ଟାରେ ବିଭିନ୍ନ ସ୍କୁଲରୁ ଆସିଥିବା ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସମବେତ କଣ୍ଠରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମମାଟିରେ ଜିଲା ପ୍ରଶାସନ ଓ ରାଜ୍ୟ ଭାଷା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଧନ୍ୟବାଦ ଦେଇଥିଲେ। କାନ୍ତକବିଙ୍କ ଜନ୍ମମାଟି ତିହିଡି ବ୍ଲକ ତାଳପଦା ଗ୍ରାମରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରାଯାଇଛି ବୋଲି ସୂଚନା ଦେଇଥିଲେ। ଉକ୍ତ ଗ୍ରାମର ବିକାଶ ସହ ତାଙ୍କ ଜନ୍ମପୀଠକୁ ସ୍ମାରକସ୍ଥଳ ନିର୍ମାଣ, ମ୍ୟୁଜିୟମ ନିର୍ମାଣ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୧୫କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ। ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆପକ୍ଷ ପାଳନ କରାଯିବ। ବିଭିନ୍ନ ଦିବସରେ ବିଦ୍ୟାଳୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଦିବସ, ଆମ ପୋଷାକ ଆମ ପରିଚ୍ଛେଦ, ପାରମ୍ପରିକ ଖାଦ୍ୟ, ଓଡ଼ିଆ ନାମଫଳକ ପାଇଁ ସଚେତନତା ଶୋଭାଯାତ୍ରା, ରକ୍ତଦାନ ଶିବିର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଆ ପକ୍ଷର ଲୋଗୋ ଉନ୍ମୋଚନ କରାଯିବା ସହ କାନ୍ତକବିଙ୍କ ଦାୟାଦ ଗୁରୁକଲ୍ୟାଣ ମହାପାତ୍ର, ଉମାକଲ୍ୟାଣ ମହାପାତ୍ର ଓ ନାମକଲ୍ୟାଣ ମହାପାତ୍ରଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ସଂଯୋଜନା କରିଥିଲେ। ଜିଲା ଭାଜପା ସଭାପତି ଭଗବାନ ପଣ୍ଡା, ବିଭିନ୍ନ ବ୍ଲକର ଅଧ୍ୟକ୍ଷ ମଞ୍ଚାସୀନ ଥିଲେ। ସଙ୍ଗୀତ ନିର୍ଦ୍ଦେଶକ ସୁବୋଧ କୁମାର ନାୟକଙ୍କ ସଂଯୋଜନାରେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନେ


କାନ୍ତକବିଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜିଲାସ୍ତରୀୟ ଓଡ଼ିଶା ଦିବସ

### ୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗାଇଲେ ବନ୍ଦେ ଉତ୍କଳ ଜନନୀ

ବନ୍ଦେ ମାତରମ୍ ସମୂହ ଗାନ କରିଥିଲେ। ସକାଳେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ସହଯୋଗ କରିଥିବା ବେଳେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଭାଷା, ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ


ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଚାନ୍ଦବାଲି, ୧।୪(କିଷାନ ପାତ୍ର)

ଚାନ୍ଦବାଲିରେ ବୁଧବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ଓ ଓଡ଼ିଆ ଭାଷାକୁ ପ୍ରତିଷ୍ଠା ପ୍ରଦାନ କରିଥିବା ମହାନ ବ୍ୟକ୍ତିତ୍ୱ ମଧୁସୂଦନ ଦାସ(ମଧୁବାବୁ), ଫକୀରମୋହନ ସେନାପତି ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ମୂର୍ତ୍ତିରେ ଓକିଲ ସଂଘ, ବଣିକ ସଂଘ ଓ ବୁଦ୍ଧିଜୀବିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଉତ୍କଳ ଦିବସ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷାବିତ ଅମୂଲ୍ୟ କୁମାର ରାଉତ, ସବ୍‌ରେଜିଷ୍ଟ୍ରାର ସୁକାନ୍ତ ଜେନା, ଅଧିବକ୍ତା ଆଦିତ୍ୟ ବିଶ୍ୱାଳ, ପ୍ରିୟରଞ୍ଜନ ମହାନ୍ତି, ପ୍ରଭାସ ରଞ୍ଜନ ନାୟକ, ଯତୀନ୍ଦ୍ର ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ସାମାଜିକକର୍ମୀ ପୂର୍ଣ୍ଣଚନ୍ଦ୍ର ପାଣି, ସତ୍ୟବୀର ପ୍ରତାପ ରାୟ, ଅଭୟ ସାମଲ, ପ୍ରଭାକର ବିଶ୍ୱାଳ, ସୁକାନ୍ତ ନାୟକ, ଶ୍ରୀମନ୍ତ ଖୁଣ୍ଟିଆ, ପ୍ରତାପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଚାନ୍ଦବାଲି ତହସିଲର କର୍ମଚାରୀଙ୍କ ୭ବର୍ଷୀୟା କୁନି ଝିଅ ଆଦ୍ୟାଶକ୍ତି ଖଟୁଆ ବିଗତ ୫ ବର୍ଷ ଧରି ଉତ୍କଳ ଦିବସରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାପଣ କରିଆସୁଛି।

## ଛୁରାମାଡ଼ ଘଟଣାରେ ୨ ଗିରଫ

ବନ୍ତ, ୧।୪(କିଶୋର କୁମାର ସେଠୀ)

ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରେ ଛୁରା ମାଡ଼ ଘଟଣାରେ ପୋଲିସ ବରକୋଣା ଗ୍ରାମର ଶକ୍ତି ରଞ୍ଜନ ଯେନା(୧୯) ଏବଂ ଚନ୍ଦ୍ରକାନ୍ତ ଯେନା(୨୦)ଙ୍କୁ ସେମାନଙ୍କ ଘରୁ ଗିରଫ କରିଛି। ପ୍ରକାଶ ଥାଉକି, ଗତ ସୋମବାର ଧନିଓଖା ଗ୍ରାମର ବାଦଲ ଯେନା, ଆପଣ୍ଡା ଗ୍ରାମର ଶୁଭଙ୍କର ମୁଖି ଏବଂ ବରକୋଣା ଗ୍ରାମର ଶକ୍ତି ରଞ୍ଜନ ଯେନା ଗୋଟିଏ ସ୍ଥାନରେ ଟେଣ୍ଟ କାର୍ଯ୍ୟ କରିବାକୁ ଯାଇଥିଲେ। ଏହି ସମୟରେ ବାଦଲ ଏବଂ ଶୁଭଙ୍କର ସହିତ ଶକ୍ତି ରଞ୍ଜନଙ୍କର ଝଗଡ଼ା ହୋଇଥିଲା। କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୧୦ଟା ସମୟରେ ବାଦଲ ଏବଂ ଶୁଭଙ୍କରଙ୍କୁ ବରକୋଣା ସ୍କୁଲ ନିକଟରେ ଶକ୍ତିରଞ୍ଜନ ଏବଂ ଚନ୍ଦ୍ରକାନ୍ତ ଛୁରିରେ ଆକ୍ରମଣ କରିଥିଲେ। ବାଦଲଙ୍କ କକା ସୁବାଷ ଯେନାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୧୮/୨୬) ରୁଜୁ କରିଥିଲା।

## କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ


ବୈତରଣୀ ମହୋତ୍ସବରେ କଳାକାରମାନେ।

ଚାନ୍ଦବାଲି, ୧।୪(ରତିକାନ୍ତ ବାରିକ)

ବୈତରଣୀ ଉପକୂଳ ଅଞ୍ଚଳର ପ୍ରକୃତି, କଳା ସଂସ୍କୃତି, ଐତିହ୍ୟ ଓ ନଦୀ ସୁରକ୍ଷା ଅଭିଯାନ ଆଧାରିତ 'କନିକା – ଚାନ୍ଦବାଲି ବୈତରଣୀ ମହୋତ୍ସବ- ୨୦୨୬' ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଦୁର୍ଗାପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଫେସର ବୈକୁଣ୍ଠନାଥ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ଡିଏଫ୍‌ଓ ସୌଭାଗ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ମେଡିକାଲ ଅଫିସର ଡ. ଅଶୋକ କୁମାର ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ କ୍ରିୟାଯୋଗ ପ୍ରଜ୍ଞାନ ମିଶନର ସାଧକ ତଥା ବିଶିଷ୍ଟ ପରିବେଶବିତ ସ୍ୱାମୀ ବିଶ୍ୱରୂପାନନ୍ଦ ଗିରି, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ ଓ ଅନ୍ୟତମ ଅତିଥି ଭାବେ ରାଜକନିକା ଏସ୍‌ଏନ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବୈତରଣୀ ନଦୀର ସୁରକ୍ଷା ଓ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ନିମନ୍ତେ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବା ସହ ଏହି ଉତ୍ସବକୁ ସମଗ୍ର ଓଡ଼ିଶାରେ ଦ୍ୱିତୀୟ ବାଲିଯାତ୍ରାର ମାନ୍ୟତା ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ।

କମିଟିର କାର୍ଯ୍ୟକାରୀ ସଭାପତି ବ୍ରଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ସଙ୍ଗୀତ ସାଧନା ନୃତ୍ୟାନୁଷ୍ଠାନ ଲୋଇସିଂହା ପକ୍ଷରୁ ସମ୍ବଲପୁରୀ ଓ ଆଦିବାସୀ ଲୋକନୃତ୍ୟ ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାମାଜିକକର୍ମୀ ସୁଧୀର କୁମାର ମହାନ୍ତି, କମିଟି ଆବାହକ ବିଶ୍ୱ କେଶରୀ ମହାନ୍ତି, ରଞ୍ଜନ ଦାସ, ଗଙ୍ଗାଧର ଦାସ, ପ୍ରକାଶ ସେଠୀ, ମଙ୍ଗୁଳି ଚରଣ ବେହେରା, ଦିଲ୍ଲୀପ ବେହେରା, ଅଶୋକ ସାହୁ, ମାନସ ଦାସ, ଚନ୍ଦ୍ରକାନ୍ତୀ ଦାସ, ଗୀତାଞ୍ଜଳି ମହାନ୍ତି, ବ୍ରଜସୁନ୍ଦର ମହାନ୍ତି, ପ୍ରଫୁଲ୍ଲ ଦାସ, ଅମୂଲ୍ୟ କୁମାର ରାଉତ, ମଳୟ ରଞ୍ଜନ ଭୋଇ, ତାରାପଦ ମହାନ୍ତି ଓ ରଘୁନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ଅମୀୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ତିହିଡ଼ି ଏନ୍‌ଏସିର ଚୂଡ଼ାନ୍ତ ନୋଟିଫିକେଶନ ଜାରି

ତିହିଡ଼ି, ୧।୪(କାଳନ୍ଦୀ ବେହେରା)

ତିହିଡ଼ି ନୂତନ ଏନ୍‌ଏସି ପାଇଁ ଫାଇନାଲ ନୋଟିଫିକେସନ ଜାରି ହୋଇଛି। ମଙ୍ଗଳବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଚୂଡ଼ାନ୍ତ ନୋଟିଫିକେଶନ ପ୍ରକାଶ ପାଇବା ପରେ ସଦର ଭାଟପଡ଼ା ପଞ୍ଚାୟତର କାର୍ଯ୍ୟକାଳ ଆଜିଠାରୁ ଶେଷ ହୋଇଯାଇଛି। ଏହା ପୂର୍ବରୁ ଗତ ୧୨ ଫେବୃୟାରୀ ୨୦୨୬ ରେ ତିହିଡ଼ି ଏନ୍‌ଏସି ଗଠନ ସମ୍ପର୍କୀତ ଡ୍ରାଫ୍ଟ ନୋଟିସେ ଜାରି କରାଯାଇଥିଲା। ସେଥିରେ ସୀମା ନିର୍ଦ୍ଧାରଣ, ୱାର୍ଡ ବିଭାଜନ ଓ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା। ଏନେଇ ୧୧ଟି ଅଭିଯୋଗ ଆସିଥିଲା। ଫେବୃଆରୀ ୨୬ରେ ସେଗୁଡ଼ିକର ଶୁଣାଣି କରି ଜିଲା ପ୍ରଶାସନ ସମାଧାନ କରିଥିଲା। ପରବର୍ତ୍ତୀ ଏକ ମାସ ମଧ୍ୟରେ ରାଜ୍ୟସ୍ତରରେ ଆଉ କୌଣସି ଅଭିଯୋଗ ନ ପଡ଼ିବାରୁ ୩୧ ମାର୍ଚ୍ଚରେ ଚୂଡ଼ାନ୍ତ ନୋଟିଫିକେଶନ ଜାରି ହୋଇଛି। ନୂତନ ତିହିଡ଼ି ଏନ୍‌ଏସିରେ ୧୩,୮୬୬ ଲୋକସଂଖ୍ୟାକୁ ଆଧାର କରି ୭ଟି ରାଜସ୍ୱ ଗ୍ରାମକୁ ନେଇ ୧୪ଟି ୱାର୍ଡ ଗଠନ କରାଯାଇଛି। ଏହି ୱାର୍ଡର ସଂରକ୍ଷଣ ତାଲିକା ପ୍ରକାଶ ପାଇଥିବା ବେଳେ ଅଧ୍ୟକ୍ଷ ପଦର ସଂରକ୍ଷଣ ତାଲିକା ପ୍ରକାଶ ଅପେକ୍ଷାରେ ରହିଛି।

## ଜିଲାସ୍ତରୀୟ ଯୁବ ମଣ୍ଡଳ ବିକାଶ ଅଭିଯାନ



ଯୁବ ମଣ୍ଡଳ ବିକାଶ ଅଭିଯାନରେ ଅତିଥି।

ଭଦ୍ରକ, ୧।୪(ସନାତନ ରାଉତ)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅଧୀନରେ ଥିବା ମାଇଁ ଭାରତ ସଙ୍ଗଠନ ସହଯୋଗରେ ଶୁଭମ୍ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ଯୁବ ମଣ୍ଡଳ ବିକାଶ ଅଭିଯାନ ମଙ୍ଗଳବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ହୃଷିକେଶ ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଜିଲା ଯୁବ ଅଧିକାରୀ ଏମ୍ ବିଗ୍ନେଶ, ସାମାଜିକ କର୍ମୀ ସୁମନ୍ତ ମହାନ୍ତି ଯୁବ ସାମାଜିକ କର୍ମୀ ଅରୂପ ଦଳାଇ ପ୍ରମୁଖ ଯୋଗଦେଇ ଯୁବ ସମାଜକୁ ଜନସେବାରେ ବ୍ରତୀ ହେବା ପାଇଁ ଏହି ଅଭିଯାନ ଉତ୍ସାହିତ କରୁଛି। ଆଜିର ଯୁବ ସମାଜ ରାଷ୍ଟ୍ର ନିର୍ମାଣରେ ତ୍ୟାଗପୂତ ମନୋଭାବ ନେଇ କାର୍ଯ୍ୟ କଲେ ସମାଜରେ ଅନେକ କିଛି ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଦୀପ୍ତିରଞ୍ଜନ ସାହୁ, ପ୍ରଦୀପ କୁମାର ଦାସ, ମାନସ ରଞ୍ଜନ ସାହୁ, ସତ୍ୟକାନ୍ତ ନାୟକ, ମଳୟ ମହାଲିକ, ରଶ୍ମିରଞ୍ଜନ ସାହୁ ପ୍ରମୁଖଙ୍କୁ ପ୍ରମାଣପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସଙ୍ଗଠନର ମୁଖ୍ୟ ସଂଯୋଜକ ଆନନ୍ଦ ଚନ୍ଦ୍ର ପଲାଇ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନରେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଭାତ ଦାସ, ଜୟନ୍ତ ବାରିକ, ଗଙ୍ଗାଧର ଦାସ ଓ ଧନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶା ଦିବସରେ ବରପୁତ୍ରଙ୍କୁ ମାଲ୍ୟାର୍ପଣ

ଭଦ୍ରକ, ୧।୪(ରବିନାରାୟଣ ଖିଲାର)

ଜିଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ପାଳନ ଅବସରରେ ବୁଧବାର ଐତିହାସିକ ଗାନ୍ଧୀ ପଡିଆରେ ମହାତ୍ମା ଗାନ୍ଧୀ, ବାଇପାସ୍ଥିତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଓ ସହରର ମହତାବ କୋଠି, ଜିଲା ସ୍କୁଲ ଆଦି ବରପୁତ୍ରଙ୍କଠାରେ ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିଁକା, ଜିଲା ସୂଚନା ଉପଖଣ୍ଡ ଅଧିକାରିଣୀ ମଧୁସ୍ମିତା ମହାପାତ୍ର, ପୌରାଧ୍ୟକ୍ଷ ଗୁଲମୁଖୀ ଦଲୱାଜି ହବିବ, କାଉନସିଲର ଦିଲୀପ ନାୟକ, ପ୍ରଫୁଲ୍ଲ ନାୟକ, ପଙ୍କଜ ବଳ, ଶିକ୍ଷାବିତ୍ ପ୍ରଭାକର ପରିଡା, ପ୍ରଦୀପ ବଳ, ରତ୍ନାକର ପଣ୍ଡା, ନାରୀନେତ୍ରୀ ମମତା ବଳ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିବା ସହ ବରପୁତ୍ରଙ୍କୁ ଭକ୍ତିପୂତ ସମ୍ମାନ ଜଣାଇବା ସହିତ ସ୍ଲୋଗାନ ଦେଇଥିଲେ।

## ଓଡ଼ିଆ ବୋହୂ ସାଜିଥିବା ବିଦେଶିନୀ ମହିଳାଙ୍କୁ ଭେଟିଲେ ବିଡିଓ

### ଓଡ଼ିଆ ଭାଷା, ସଂସ୍କୃତିକୁ ଆପଣେଇ ଥିବାରୁ କୃତଜ୍ଞତା ଜଣାଇଲେ


ତମାରାଙ୍କ ସହ ବିଡିଓ ଓ ଅନ୍ୟମାନେ।

ବାସୁଦେବପୁର, ୧।୪(ନାରାୟଣ ପ୍ରସାଦ ବାରିକ୍)

ଉତ୍କଳ ଦିବସ ସରକାରୀ ଓ ବେସରକାରୀ ସ୍ତରରେ ବାସୁଦେବପୁରରେ ପାଳିତ ହୋଇଛି। ଏହି ଅବସରରେ ନୂଆଗାଁ ପଞ୍ଚାୟତ ଉହାଡ଼ ଗ୍ରାମରେ ଓଡ଼ିଆ ବୋହୂ ସାଜିଥିବା ୟୁରୋପ ମହାଦେଶର କ୍ରୋଏସିଆ ଦେଶର ମହିଳା ତମାରାଙ୍କୁ ବାସୁଦେବପୁର ବିଡିଓ ତନ୍ମିତା କର ବୁଧବାର ଉହାଡ଼ ଗ୍ରାମରେ ଭେଟି ଉତ୍କଳ ଦିବସରେ ଶୁଭେଚ୍ଛା ଜଣାଇଛନ୍ତି। ଜଣେ ବିଦେଶିନୀ ହୋଇ ମଧ୍ୟ ସେ ବିବାହର ୧ ମାସ ମଧ୍ୟରେ ଓଡ଼ିଆ ଭାଷା, ସଂସ୍କୃତି, ଚଳଣି, ପରମ୍ପରାକୁ ଆପଣେଇ ଓଡ଼ିଆ ଭାଷାରେ କଥା ହେବା ଆରମ୍ଭ କରିଥିବାରୁ ତାଙ୍କର ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଭଲପାଇବା ଜଣାପଡ଼ିବା ପରେ ବିଡିଓ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଡିଓଙ୍କ ସହ ନୂଆଗାଁ ପଞ୍ଚାୟତ ସରପଞ୍ଚ ରୀତା ସ୍ୱାଇଁ, ପୂର୍ବତନ ସରପଞ୍ଚ ରଘୁନାଥ ମଳିକଙ୍କ ସମେତ ତମାରାଙ୍କ ସ୍ୱାମୀ ସୁକଦେବ ସେଠୀ ଓ ତାଙ୍କ ପରିବାର ଲୋକ ମଧ୍ୟ ଉପସ୍ଥିତ ଥିଲେ। ଜଣେ ବିଦେଶିନୀ ହୋଇ ମଧ୍ୟ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଆପଣେଇ ନେବା ଓ ଓଡ଼ିଆ ଘରର ବୋହୂ ସାଜିବା ଏକ ଗର୍ବ ଓ ଗୌରବର କଥା ବୋଲି ବିଡିଓ କହିଛନ୍ତି। ତମାରା ମଧ୍ୟ ବିଡିଓ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ସାକ୍ଷାତ କରି ବେଶ ଖୁସି ପ୍ରକଟ କରିଛନ୍ତି।

## ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଓଡ଼ିଶା ଦିବସ




ଧାମନଗର, ୧।୪(ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବରିଷ୍ଠ ନାଗରିକ ସଭାଗୃହରେ ବୁଧବାର ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅନିଲ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ସ୍ୱାଗତ ଭାଷଣ ସହ ପବିତ୍ର ଓଡ଼ିଶା ଦିବସର ଉଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥିଭାବେ ଧାମନଗର ଥାନା ଅଧିକାରୀ ସୁଭ୍ରଜିତ ଦାସ ଯୋଗଦେଇ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନ ଦିବସ ହେଉଛି ଓଡ଼ିଶା ଦିବସ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନିରାକାର ଧଳ, ମହେଶ୍ୱର ସ୍ୱାଇଁ, ଦଶରଥ ଦାସ, ନରେନ୍ଦ୍ର ମଲ୍ଲିକ, ରାମ ଚନ୍ଦ୍ର ସାହୁ, ଅଭିମନ୍ୟୁ ମଲ୍ଲିକ, ମହମ୍ମଦ ହବିବୁର ରହେମନ, ପ୍ରିୟ ରଞ୍ଜନ ସାମଲ, ସାହିତ୍ୟିକ ମନୋଜ ଜେନା, ପୀତବାସ ପାଣି ପ୍ରମୁଖ ସଦସ୍ୟ ଆଲୋଚନାରେ ଅଂଶ ଗ୍ରହଣ କରି ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ହେଉଛି ଓଡ଼ିଶା ଦିବସ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଆସିଥିବା କବିମାନେ ଯୋଗଦେଇ ଓଡ଼ିଶାର ଉତ୍କୃଷ୍ଟ କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ପର୍ବପର୍ବାଣୀକୁ ନେଇ କବିତା ପାଠ କରିଥିଲେ। ଓଡ଼ିଆ ଭାଷାରେ ଓଡ଼ିଶା ଶାସନ ଚାଲିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷା, କ୍ରୀଡ଼ା, ଯୁବ ବ୍ୟାପାର ଓ ସଂସ୍କୃତି ମନ୍ତ୍ରୀ ମହୋଦୟଙ୍କୁ ତହସିଲଦାର ଜରିଆରେ ଧାମନଗର ବରିଷ୍ଠ ନାଗରିକ ପକ୍ଷରୁ ଏକ ଅନୁରୋଧ ପତ୍ର ଦେବା ପାଇଁ ସଭାରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରିଷଦର ଉପ ସଭାପତି ସୁରଥ ଚନ୍ଦ୍ର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ପିଏମଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧାମନଗର, ୧।୪(ଦୀନକୃଷ୍ଣ ମହାପାତ୍ର)

ପିଏମଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀଙ୍କ ତତ୍ତ୍ୱାଧାନରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ତହସିଲଦାର ପଲ୍ଲୀଭାରତ ମହାଲିକ, ବରେଣ୍ୟ ଅତିଥିଭାବେ ଏନ୍‌ଏସି ପ୍ରତିନିଧି କୈଳାସ ମହାପାତ୍ର, ଏମ୍‌ପିଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ଥାନାଧିକାରୀ ଶୁଭ୍ରଜିତ ଦାଶ, ପଞ୍ଚସଖା ଶିକ୍ଷା ସେତ ସଭାପତି ମହେଶ୍ୱର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରହ୍ଲାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର ଅରୁଣିମା ଉନ୍ମୋଚିତ ହୋଇଯାଇଛି। ଶିକ୍ଷକ ପ୍ରିୟଦର୍ଶୀ କୁଅଁର, ଅଭିମନ୍ୟୁ ଶଙ୍ଖୁଆ, ଶକ୍ତି ରଞ୍ଜନ ହୁମ, ପୂର୍ଣ୍ଣିମା ଲେଙ୍କା, ତପସ୍ୱିନୀ ତ୍ରିପାଠୀ ପ୍ରମୁଖ ପରିଚାଳନାକରିଥିଲେ। ଶେଷରେ ପ୍ରାଣବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରୁ ଚୋରି

ବାସୁଦେବପୁର, ୧।୪(କାଳିପଦ ରାୟ)

ଭଦ୍ରକ ସଦର ବ୍ଲକ୍ ବଣିଆ ଉଚ୍ଚ ବିଦ୍ୟାଳୟର ତାଲା ଭାଙ୍ଗି ମଙ୍ଗଳବାର ରାତିରେ କିଛି ଦୁର୍ବୃତ୍ତ ବିଦ୍ୟାଳୟର କାଗଜପତ୍ର ନେଇଯାଇଥିବା ସାବରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁଙ୍କ ଅଭିଯୋଗ ମୁତାବକ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟର ଫାଟକ ତାଲା ଭାଙ୍ଗି ପଶିଥିଲେ। ପରେ ସିସିଟିଭି କ୍ୟାମେରାକୁ ଭାଙ୍ଗି ଦେବା ସହ କାର୍ଯ୍ୟାଳୟର ତାଲା ଭାଙ୍ଗି ଗଡ୍‌ରେଜ ଚାବି ଭାଙ୍ଗି କାଗଜ ପତ୍ର ବାହାର କରି ତଳେ ଫିଙ୍ଗି ଦେଇଥିଲେ। ସ୍ମାର୍ଟ କ୍ଲାସ ରୁମ୍ ଚାବି ଭାଙ୍ଗି ଦେବା ସହ ରୋଷେଇ ଘର ଚାବି ମଧ୍ୟ ଭାଙ୍ଗି ଦେଇଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡ଼ି ସେହି ରାସ୍ତାରେ ଆସୁଥିବା ଦେଖି ଦୁର୍ବୃତ୍ତ ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଏ ନେଇ ମାମଲା (ନଂ୧୦୩/୨୬ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଧୂଷୁରୀ, ୧।୪(ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ କଣ୍ଟିକା ଉପ୍ରା ବିଦ୍ୟାଳୟରେ ବୁଧବାର ପୂର୍ବାହ୍ନ ୧୧ଟାରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଦାଶଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସିଆରସିସି ପ୍ରଦୀପ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡ଼ା, ଅବସରପ୍ରାପ୍ତ ଏବିଇଓ ନିରଞ୍ଜନ କର, ଅନିଲ ବଳ, ସିଆର୍‌ସିସି ବ୍ରଜ କିଶୋର ସିଅଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ଖଟୁଆ, ବାପୁଜୀ କ୍ଲଷ୍ଟରର ସମସ୍ତ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦାୟୀ ଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଏକ ସୁସଜ୍ଜିତ ଯାନରେ କଣ୍ଟିକାଠାରୁ ତାଙ୍କ ବାସଭବନ ସାଆଁଳପୁର ପର୍ଯ୍ୟନ୍ତ ହୁଳହୁଳି, ଢୋଲ, ମହୁରୀର ତାଳେତାଳେ, ଗ୍ରାମବାସୀ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଶୋଭାଯାତ୍ରାରେ ନେଇଥିଲେ।

## ଛିଣ୍ଡା ପାଲ ତଳେ ବିତୁଛି ଜୀବନ

### ଆବାସ ଯୋଜନାରୁ ବଞ୍ଚିତ ୩ଭାଇଙ୍କ ପରିବାର

ଅସୁରାଳି, ୧।୪(ସନ୍ତୋଷ ସାହୁ)

ଧାମନଗର ବ୍ଲକ କୋଠାର ପଞ୍ଚାୟତ ଅଧୀନ ନସଲାପୁର ଗ୍ରାମରେ ୩ଭାଇ ନାରାୟଣ ପୁଣ୍ଟିଆ(୬୨), ନୃସିଂହ ପୁଣ୍ଟିଆ(୬୧) ଓ ବ୍ରଜକିଶୋର ପୁଣ୍ଟିଆ(୬୦)ଙ୍କ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଅତି ଦୟନୀୟ ଭାବେ ମାଟି ଘରେ ରହୁଥିବା ବେଳେ ଗତ ଅଦିନିଆ ବର୍ଷା ଓ ଝଡ଼ ପବନରେ ସେମାନଙ୍କ ଘର ଭାଙ୍ଗିଯାଇଛି। ଘର ଭାଙ୍ଗିଯିବା ପରେ ୩ ପରିବାର ଏବେ ଛିଣ୍ଡା ପାଲ ତଳେ ଦିନ କାଟୁଛନ୍ତି। ବୃଦ୍ଧାବସ୍ଥାରେ ଏପରି ଦୁର୍ଦ୍ଦଶାରେ ୩ ଭାଇଙ୍କ ପରିବାର ଜୀବନଯାପନ କରୁଥିବା ବେଳେ ଏହି ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ୩ ଭାଇ ଦୀର୍ଘବର୍ଷ ଧରି ତହସିଲ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବହୁବାର ଗୁହାରି କରିଥିଲେ ମଧ୍ୟ ସେମାନଙ୍କୁ ଆବାସ ମିଳିପାରି ନାହିଁ। ବାରମ୍ବାର ଆବେଦନ କରୁଥିଲେ ମଧ୍ୟ କେଉଁ କାରଣରୁ ହିତାଧିକାରୀ ତାଲିକାରୁ ସେମାନଙ୍କ ନାମ ବାଦ୍ ପଡୁଛି, ସେ ବିଷୟରେ ଜାଣିପାରୁ ନ ଥିବା ସେମାନେ କହିଛନ୍ତି। ଏନେଇ ସରପଞ୍ଚ ମହେଶ୍ୱେତା ମହାଲିକ କହିଛନ୍ତି, ଦେଢ଼ବର୍ଷ ହେଲା ଆବାସ ଯୋଜନାରେ ନୂତନ ଘର ପ୍ରଦାନ କରାଯାଇ ନାହିଁ। ଏଥର ନୂଆ ତାଲିକା ଆସିଲେ, ସେମାନଙ୍କ ନାମ ରହିଛି କି ନାହିଁ, ଜଣାପଡ଼ିବ। ୩ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଭଙ୍ଗା ଘର ଆଗରେ ୩ ଭାଇଙ୍କ ପରିବାର।

# ‘ଅଖଣ୍ଡ ଓଡ଼ିଶାକୁ ବିଖଣ୍ଡିତ କରିବାକୁ ଦିଆଯିବନି’

## ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ

ବାରିପଦା,୧୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ବିଜୁ ଜନତା ଦଳ ପକ୍ଷରୁ ବାରିପଦାସ୍ଥିତ ବିଜୁ ଭବନରେ ଓଡ଼ିଶା ଦିବସ ପାଳିତ ହୋଇଛି। ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ପୌରହିତ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମରେ ମୟୂରଭଞ୍ଜ ଜିଲାର ଅନେକ ଯୋଗଦାନ ରହିଛି । ତେବେ ମଜଭୁତ ଓଡ଼ିଶାକୁ ଖଣ୍ଡ ବିଖଣ୍ଡିତ କରିବା ପାଇଁ ଭାଜପା ପକ୍ଷରୁ ହୀନ ପ୍ରୟାସ କରାଯାଉଛି। ବିଜୁ ବାବୁଙ୍କ ସ୍ୱପ୍ନର ବିକଶିତ ଓଡ଼ିଶାକୁ ଭାଗ ଭାଗ କରିବା ନିନ୍ଦନୀୟ ଅଟେ। ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲାରେ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ଧୀରେ ଧୀରେ ପଡୋଶୀ ରାଜ୍ୟ ନିଜର ଆଧିପତ୍ୟ ବିସ୍ତାର କରୁଛନ୍ତି। ଯାହାକୁ ନେଇ ଭାଜପା ସରକାର ଚୁପ ହୋଇ ବସିଥିବା ନେଇ ବିଜେଡି ଅଭିଯୋଗ କରିଛି। ତେଣୁ ଓଡ଼ିଶାର ଅଖଣ୍ଡତା କିପରି ବଜାୟ ରହିବ ସେନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ମୟୂରଭଞ୍ଜ-୨ ସଭାପତି ଡା ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ଜିଲା ସଭାପତି ଦେବାଶିଷ ମହାନ୍ତି, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ଜିଲା ଯୁବ ସଭାପତି ଅରୁଣ ବରାଡ଼, ଜିଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଜିଲା ଛାତ୍ର ସଭାପତି ସୁନୀଲ ନାୟକ, ଅନନ୍ତ ଦାସ, ଦେବୀଦତ୍ତ ଦାଶ, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ, ସରୋଜ ବୋଷ, ଦର୍ପ ନାରାୟଣ ପାଳ, ସାମାଜିକ କର୍ମୀ ଅମର ସେଠି, ସମସ୍ତ ୱାର୍ଡ କାଉନସିଲରଙ୍କ ସମେତ ବିଜୁ ମହିଳା, ଯୁବ, ଛାତ୍ର ଜନତା ଦଳର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଜବତ

ଉଦଳା,୧୪ (ସନ୍ତୋଷ କୁମାର ବାଛିନୀ)

ଶରତ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରି ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭନେ ଜବତ କରିବା ସହ ୭ ଗୋରୁ ଉଦ୍ଧାର କରିଛି। ପୋଲିସକୁ ଦେଖି ଚାଳକ ଗାଡି ଛାଡି ଫେରାର ହୋଇଯାଇଥିବା ବେଳେ ନୋଟ ଛକ ନିକଟରେ ପୋଲିସ ଗାଡ଼ିକୁ ଜବତ କରିଥିଲା। ଉଦ୍ଧାର ଗୋରୁଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ସେଗୁଡ଼ିକୁ କପ୍ତିପଦା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା ପରେ ବାଲେଶ୍ୱର ଗୋ ଶାଳାକୁ ପଠାଇ ଦିଆଯାଇଛି।

### ଅତିରିକ୍ତ ଜିଲାପାଳ ସମେତ ୪ କର୍ମଚାରୀଙ୍କ ଅବସର ଗ୍ରହଣ

ରାଇରଙ୍ଗପୁର,୧୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ୩୧ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେହିପରି ରାଇରଙ୍ଗପୁର ଉପଜିଲାପାଳଙ୍କ ଗାଡ଼ି ଚାଳକ ଏମ. ଡି. ସରାଜୁଦ୍ଦିନ ଅନସାରୀ ଓ ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟର ୨ ଜୁନିୟର ରାଜସ୍ୱ ଆସିଷ୍ଟାଣ୍ଟ ତ୍ରିଲୋଚନ ମହାନ୍ତ ଏବଂ ଅଶ୍ୱିନୀ କୁମାର ଦେହୁରୀ ମଧ୍ୟ ଅବସର ଗ୍ରହଣ କରିଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରବେଶ ଉତ୍ସବ

କରଞ୍ଜିଆ,୧୪ (କବିତା ମହାନ୍ତ)

କରଞ୍ଜିଆ ବାଣିତୀର୍ଥସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨୦୨୬-୨୭ ଶିକ୍ଷା ବର୍ଷର ପ୍ରବେଶ ଉତ୍ସବ ଓ ୯୧ତମ ଉତ୍କଳ ଦିବସ ପାଳିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲୀପ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଡା. ମିଳନ ମହାନ୍ତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାଶ, ପରିଚାଳନା କମିଟିର ଉପ ସଭାପତି ଇଂ.ତ୍ରିଲୋଚନ ସେଠୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଭା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମହିଳା ପୋଲିସଙ୍କୁ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

ଉଦଳା,୧୪(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଭିତରେ ପଶି ଜଣେ ମହିଳା ଅଧିକାରୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ବରହମପୁର ଥାନା ଅଧୀନ ଧରମପୁର ଅଞ୍ଚଳର ଦୀପକ ସିଂ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୭୮/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ଅପହରଣ ମାମଲାରେ ବୁଝାଶୁଝା କରିବା ନିମନ୍ତେ ଦୀପକ ମଧ୍ୟସ୍ଥି ସାଜି କପ୍ତିପଦା ଥାନାକୁ ଆସିଥିଲେ। ଥାନା ଭିତରେ ଚେୟାରରେ ଅଶାଳୀନ ଢଙ୍ଗରେ ବସିଥିବା ବେଳେ ସାମ୍ନାରେ ବସିଥିବା ଜଣେ ମହିଳା ଏଏସ୍‌ଆଇ ତାଙ୍କୁ ଭଲ ଭାବରେ ବସିବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଦୀପକ ମହିଳା ଏଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରିଥିଲେ। ପାଟି ଶୁଣି ଥାନା ଅଧିକାରିଣୀ ମଧୁମିତା ମହାନ୍ତି ପହଞ୍ଚି ଥିବାବେଳ ତାଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ପୋଲିସ କର୍ମଚାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏନେଇ ପୋଲିସ ଦୀପକଙ୍କୁ ଗିରଫ କରିଛି।

# ଓକିଲ ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା



ଓକିଲ ସଂଘ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାରିପଦା,୧୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ନବ ନିର୍ବାଚିତ ବାରିପଦା ବାର ଆସୋସିଏସନର ସଭାପତି ଓ ସଦସ୍ୟମାନଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ମୟୂରଭଞ୍ଜ ଜିଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଓକିଲ ସଂଘ ସଭାପତି ଜ୍ୟୋତି ପ୍ରକାଶ ରଥ, ଯୁଗ୍ମ ସମ୍ପାଦକ ସ୍ୱରପ କୁମାର ମିଶ୍ର ଓ କାର୍ଯ୍ୟକାରିଣୀ ସଦସ୍ୟା ସୁସ୍ମିତା ଘୋସେଲଙ୍କୁ କଂଗ୍ରେସ କର୍ମୀ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଟି ସେଲ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦା, ମୀନକେତନ ବେହେରା, ଅଶୋକ ଗିରି, ଅଂଶୁମାନ ଦାଶ, ସମର ରଞ୍ଜନ ଦାଶ, ଚନ୍ଦନ କିସ୍କୁ, ରଣା ସତ୍ୟକାମ ସେନାପତି, ଅସିତ ବେହେରା, ରକିମ ଭାଇ, ନଳିନୀ ପଟ୍ଟନାୟକ, ଉତ୍ତମ ବେହେରା, ମାଧବୀ ସେନାପତି, ଭୁବନେଶ୍ୱରୀ ଜେନାଙ୍କ ସହିତ ଶତାଧିକ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ଚାରା ରୋପଣ

ବୈଶିଙ୍ଗା,୧୪ (ରତନ ଦାଶ)

ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ଉତ୍କଳ ଦିବସ ପାଳନ ସହିତ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀ ଗାନ,ଚିତ୍ରାଙ୍କନ, କୁଇଜ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବ ସହାୟତାରେ ଗ୍ରାମର ବର୍ଷୀୟାନ ବ୍ୟକ୍ତି





ଶିକ୍ଷକଙ୍କ ସହ ଆଶ୍ରମ ବିଦ୍ୟାଳୟର ଛାତ୍ରମାନେ।

ଭରତଚନ୍ଦ୍ର ମହାନ୍ତଙ୍କ କରକମଳରେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଜାମୁକୋଳିଗଛର ଚାରା ରୋପଣ କରାଯାଇ ଏସବୁ ସୁରକ୍ଷିତ ରଖିବା ପାଇଁ ବାଡ଼ବନ୍ଦୀ କରାଯାଇଥିଲା। ଏହି କାର୍ଯ୍ୟରେ ବିଦ୍ୟାଳୟର କର୍ମଚାରୀ ମଣ୍ଟୁ ମାର୍ଣ୍ଡି ପୂର୍ଣ୍ଣ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ବର୍ଷସାରା ପ୍ରତିଟି ପାଳନୀୟ ଦିବସ ମାନଙ୍କରେ ଆଶ୍ରମ ବିଦ୍ୟାଳୟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି।

# ଡାହାଣି ସନ୍ଦେହରେ ଖୁଡ଼ୀଙ୍କୁ ଆକ୍ରମଣ

ମୋରଡ଼ା/ରାସଗୋବିନ୍ଦପୁର,୧୪ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ସଂସା ଗ୍ରାମରେ ଡାହାଣି ସନ୍ଦେହରେ ପୁତୁରା ଆକ୍ରମଣରେ ଖୁଡ଼ୀ ଗୁରୁତର ହୋଇଛନ୍ତି। ଚିକିତ୍ସାପାଇଁ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଗ୍ରାମର ସୋମବାରୀ ହାଁସଦା ତାଙ୍କ ପରିବାର ଲୋକଙ୍କ ସହିତ ମଙ୍ଗଳବାର ରାତିରେ ଶୋଇଥିବା ସମୟରେ ପୁତୁରା ଶ୍ୟାମସୁନ୍ଦର ହାଁସଦା ଘର ଲାଇନ କାଟି ଏକ ପଥରରେ ସୋମବାରୀଙ୍କୁ ଆକ୍ରମଣ କରିଥିଲେ। ତେବେ ସୋମବାରୀ ମଶାରୀ ଟାଙ୍ଗି ଶୋଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୋମବାରୀ ପାଟି କରିବାରୁ ପରିବାର ଲୋକ ଓ ଗ୍ରାମବାସୀ ଦୌଡ଼ି ଆସି ସୋମବାରୀଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ପୁତୁରା ଶ୍ୟାମସୁନ୍ଦର ପଳାଇ ଯାଇଥିଲେ। ଖବରପାଇ ବୁଧବାର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ପାରିବାରିକ କଳହ ଏବଂ ସୋମବାରୀଙ୍କୁ ଡାହାଣୀ ସନ୍ଦେହ କରି ପୁତୁରା ଶ୍ୟାମସୁନ୍ଦର ଘର ଛାଡି ବାହାରେ ରହୁଛନ୍ତି।

# ଦୁଗ୍ଧଚାଷୀଙ୍କୁ ଗୋଖାଦ୍ୟ ବଣ୍ଟନ

ଠାକୁରମୁଣ୍ଡା,୧୪ (ତାରାକାନ୍ତ ପଟ୍ଟନାୟକ)

ରାଷ୍ଟ୍ରୀୟ ଗୋକୁଳ ମିଶନ ଅନ୍ତର୍ଭୁକ୍ତ ଜାତୀୟ ଦୁଗ୍ଧ ଡେଭଲପମେଣ୍ଟର ପିଇଏସ ପ୍ରୋଜେକ୍ଟ ମାଧ୍ୟମରେ ବୁଧବାର ଗୋ ଚାଷୀମାନଙ୍କୁ ବିନା ମୂଲ୍ୟରେ ଗୋ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି। ପୂର୍ବରୁ ଠାକୁରମୁଣ୍ଡା ବ୍ଲକର ତାଲିକାଭୁକ୍ତ ଚାଷୀମାନଙ୍କୁ ଦୁଗ୍ଧ ଉତ୍ପାଦନ କରି ସ୍ୱାବଲମ୍ବୀ ହେବା ଲକ୍ଷ୍ୟରେ ଗର୍ଭିଣୀ ଗାଈ ଯୋଗାଇ ଦିଆଯାଇଥିଲା। ଗାଈ ମିଳିଥିବା ଚାଷୀ ମାନଙ୍କୁ ୫୦ କେଜି ଓଜନର ଗୋ ଖାଦ୍ୟ ପ୍ୟାକେଟକୁ ଠାକୁରମୁଣ୍ଡା ଓ କେନ୍ଦୁଡିଆଣିଠାରେ ବଣ୍ଟନ କରା ଯାଇଥିଲା। ରାଜ୍ୟ ଏନଡିଡିବି ମ୍ୟାନେଜର ଡ. ଶ୍ୟାମସୁନ୍ଦର ତ୍ରିପାଠୀ, ପ୍ରକଳ୍ପ ସଂଯୋଜକ ପ୍ରକାଶ କୁମାର ବେହେରା, ପ୍ରାଣୀ ଚିକିତ୍ସକ ପ୍ରୀତି ପ୍ରସନ୍ନ ସାହୁ, ଜିଲା ଭାଜପା ଉପସଭାପତି ଆଶିଷ ମହାନ୍ତଙ୍କ ଉପସ୍ଥିତରେ ଚାଷୀମାନଙ୍କୁ ଗୋ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିରେ ପୂର୍ବତନ ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ପୂର୍ବତନ ମହୁଲଡିହା ମଣ୍ଡଳ ସଭାପତି ଜଗଦୀଶ ମହାନ୍ତ ସହଯୋଗ କରିଥିଲେ।

# ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା





ପ୍ରାଧ୍ୟାପକ ପବିତ୍ର ମୋହନ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାଙ୍ଗିରିପୋଷି,୧୪ (ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗିରିପୋଷି ସ୍ଥିତ ଲକ୍ଷ୍ମୀକାନ୍ତ କଲେଜରଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପବିତ୍ର ମୋହନ ଦାଶ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ସେ କଲେଜ ଆରମ୍ଭରୁ ଅଦ୍ୟାବଧି ୩ ଥର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ମଙ୍ଗଳବାର ଅପରାହ୍ନରେ କର୍ମଚାରୀ ପରିଷଦର ସମ୍ପାଦକ ପ୍ରାଧ୍ୟାପକ ଡ. ସତ୍ୟନାରାୟଣ ସାମଲଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ପ୍ରତିଷ୍ଠାତା ଶିକ୍ଷାବିତ ଲକ୍ଷ୍ମୀକାନ୍ତ ଦାସ, ଅନ୍ୟତମ ପ୍ରତିଷ୍ଠାତ୍ରୀ ବିନୋଦିନୀ ଦାସ ଏବଂ ଅଧ୍ୟକ୍ଷ ହରିହର ଶଙ୍ଖୁଆ ଯୋଗଦେଇ ପ୍ରାଧ୍ୟାପକ ଦାଶଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଚାରୀ ପରିଷଦ ତରଫରୁ ପ୍ରାଧ୍ୟାପକ ଅଶୋକ କୁମାର ମହାପାତ୍ର, ରତିକାନ୍ତ ବେହେରା, ଡ. ନିର୍ମଳ ଚନ୍ଦ୍ର ସାହୁ, ଡ. ପ୍ରବୀର କୁମାର ରାଉତ, ଡ. ବୀରେନ୍ଦ୍ର ନାଥ ମହାନ୍ତି, ଡ. ଚିତ୍ତ ଦାସ, କିରଣ ପାଠକ, ପରେଶ ଚନ୍ଦ୍ର ଦାଶ, ମନୋଜ ରଞ୍ଜନ ଦାଶ ଏବଂ ଗ୍ରନ୍ଥାଗରିକ କରୁଣାକର ବାରିକ ପ୍ରମୁଖ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସହ ସମ୍ପାଦକ କରୁଣାକର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପରିଷଦ ତରଫରୁ ଦାଶଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ଉପଢ଼ୌକନ ପ୍ରଦାନ କରାଯାଇଥିଲା।

# ରାଣୀବନ୍ଧ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୋପବନ୍ଧୁ ନଗର,୧୪(ଶାନ୍ତନୁ କୁମାର ମଣ୍ଡୁଆଲ)

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ରଣୀବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, ସ୍ୱତନ୍ତ୍ର ଅତିଥି ସରପଞ୍ଚ ମମତା ଖଟୁଆ ,ମୁଖ୍ୟ ବକ୍ତା ଖୁଣ୍ଟା ବନ ଅଧିକାରୀ ଅର୍ପିତା ଦେବାଙ୍ଗିନି, ସମ୍ମାନିତ ଅତିଥି ସମିତି ସଭ୍ୟା ଅନୁସୟା ସେଠୀ, ବ୍ଲକ ଟେକ୍ନିକାଲ ମ୍ୟାନେଜର ଶୁଭଶ୍ରୀ ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଦେଶର ଜଣେ ଜଣେ ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବାର୍ଷିକ କ୍ରୀଡ଼ାର ଚାମ୍ପିୟନଙ୍କ ସମେତ ମୋଟ ୧୫୦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଚଳିତ ଶିକ୍ଷା ବର୍ଷର କ୍ରୀଡା ପ୍ରତିଯୋଗିତାରେ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୧୨ ଜଣ ଓ ଜିଲାସ୍ତରରେ ୬୦ ଜଣଙ୍କୁ ମଧ୍ୟ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସହକାରୀ ଶିକ୍ଷୟତ୍ରୀ ଅଙ୍କିତା ଉପାଧ୍ୟାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁନିଲ ମହାଲିକ, ସୁମିତ୍ରା ରାଣୀ ଦାସ, ପ୍ରତିମା ଜେନା, ଶିବ ଚରଣ ଦାସ, ବେଣୁଧର ପଣ୍ଡା, ସନ୍ତୋଷୀ ରାଉତ, ତିଳୋତ୍ତମା ପାଢୀ, ଅଜୟ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ‘ଅବୁଝା ଆଖିର ଅବୁଝା ଲୁହ’ ନାଟକ ପରିବେଷଣ ହୋଇଥିଲା।

# ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟକ୍ରମ

ବୈଶିଙ୍ଗା,୧୪ (ରତନ ଦାଶ)

ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ ଅବସରରେ ବୁଧବାର ‘ବନ୍ଦେ ଉତ୍କଳ ଜନନୀ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମୂହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳର ବରପୁତ୍ରମାନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ‘ଉତ୍କଳର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ’ ବିଷୟ ବସ୍ତୁ ଉପରେ ଆୟୋଜିତ ଆଲୋଚନା ଚକ୍ରରେ ଛାତ୍ରୀଛାତ୍ରମାନେ



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଓ ଛାତ୍ରୀମାନେ।

ଅଂଶଗ୍ରହଣ କରି ନିଜ ନିଜର ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ। ଉତ୍କଳର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐକ୍ୟ, ସ୍ୱାଭିମାନ ଓ ଅସ୍ମିତାକୁ ସ୍ମରଣ କରିବା ସହିତ ଏହାକୁ ଉଜ୍ଜୀବିତ କରିବାରେ ସମସ୍ତେ ଯତ୍ନବାନ ହେବାକୁ ମଞ୍ଚାସୀନ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ରାଜ କିଶୋର ଦାସ, ନିରଞ୍ଜନ ବାରିକ, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଦିବ୍ୟ ଦର୍ଶନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଦିବସରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା (ସନ୍ତୋଷ କୁମାର ବାଛିନୀ)/ ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ)/ରାଇରଙ୍ଗପୁର (ମାନସ ମହାନ୍ତି),୧୪

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ପ୍ରଦେଶ ଗଠନ,ଓଡ଼ିଶାର ସ୍ୱାଭିମାନ ଦିଗରେ ଆନ୍ଦୋଳନ କରିଥିବା ଉତ୍କଳର ବର ପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଅୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲାପାଳ ହେମକାନ୍ତ ସୟ, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଉପ ଜିଲାପାଳ କସ୍ତୁରି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

ଉଦଳାଠାରେ ୯୧ ତମ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲା।

ଠାକୁରମୁଣ୍ଡାରେ ହେରିଟେଜ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଧରିତ୍ରୀ ମହାନ୍ତ ଉତ୍କଳ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଆରଆରଡିଓ ନିର୍ଦ୍ଦେଶକ ମନୋଜ କୁମାର ଜେନା, ଗଣେଶ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୁଷ୍ପାଞ୍ଜଳି ସେଠି ଧନ୍ୟବାଦ ଦେଇଥିଲେ।

ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ବାମନ ଘାଟି ଉପଖଣ୍ଡ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପଜିଲାପାଳ ବାସନ୍ତୀ ଲାକ୍ରା ଏବଂ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରା, ସହକାରୀ ଜିଲାପାଳ ସୁଧାକର ସେଠୀ, ଅନିତା ରାଣୀ ମହାନ୍ତ, ଅପର୍ଣ୍ଣା ଅପରାଜିତା ଏବଂ ପଦ୍ମଶ୍ରୀ ଚରଣ ହେମ୍ବ୍ରମ ପ୍ରମୁଖ୍ୟ ଯୋଗ ଦେଇଥିଲେ।

# ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସଂସଦର ସମ୍ମିଳନୀ

ଖାରପୋଖରିଆ,୧୪(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଖାରପୋଖରିଆସ୍ଥିତ ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସଂସଦର ଦ୍ୱାଦଶତମ ସମ୍ମିଳନୀ ଖାରପୋଖରିଆ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି।

ସଂସଦର ସଭାପତି ତଥା ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ଝାଡ଼ଖଣ୍ଡ ରାଜ୍ୟର ସାହିତ୍ୟିକ ତଥା ଗାଳ୍ପିକ ଡ.ବିନି ଷଡ଼ଙ୍ଗୀ. ସମ୍ମାନୀତ ଅତିଥି ଭାବେ ବାରିପଦା ଶ୍ରୀମା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରକାଶ ମହାପାତ୍ର, ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି, ସୀମାନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତି, ସାହିତ୍ୟିକ ଅର୍ଦ୍ଧେନ୍ଦୁ ପ୍ରହରାଜ, ସାମାଜିକ କର୍ମୀ ଅଶୋକ କୁମାର ପୁଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ନିହାର



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ରଞ୍ଜନ ମହାନ୍ତ ଅତିଥି ପରିଚୟ ପ୍ରଦାନ ଓ ସାହିତ୍ୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ପଦ୍ମନାଭ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଂସଦର ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ବିବରଣୀ ପାଠ କରିଥିଲେ। ବିନୋଦ କୁମାର ସାହୁ ମନ୍ତ୍ରସ୍ତୁତି ପାଠ କରିଥିଲେ। ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ମଧ୍ୟ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ଏବଂ ପତ୍ରିକା ‘ଉପାନ୍ତ ମହକ’ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅଶୋକ କୁମାର ପୁଷ୍ଟି, ସାହିତ୍ୟିକ ସୁଶ୍ରୀ କାବେରୀ ମିଶ୍ର, କବି ଓ ପ୍ରବନ୍ଧକ ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରକୃତିପ୍ରେମୀ ହରିଶ ଚନ୍ଦ୍ର ହୋତା ଓ ଭାଷା ପ୍ରେମୀ ଶକ୍ତିପଦ ଦାସ ପ୍ରମୁଖଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ଓଡ଼ିଆଙ୍କ ଭାଷା, ସାହିତ୍ୟ ଓ ଶିକ୍ଷାକୁ ନେଇ ବିଭିନ୍ନ ସମସ୍ୟାଗୁଡ଼ିକୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପଡ଼ୋଶୀ ରାଜ୍ୟର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମାଧାନ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଧାୟକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସଂସଦର କୋଷାଧ୍ୟକ୍ଷ ଶିଉଲାଲ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

୨ୟ ଅଧିବେଶନରେ ସାହିତ୍ୟିକ, ଗାଳ୍ପିକ, ଲେଖକ, ଭାଷା ସଂସ୍କୃତିକୁ ନେଇ ଏକ ଆଲୋଚନାଚକ୍ର କରାଯାଇଥିଲା। ଏଥିରେ ବିଭିନ୍ନ ରାଜ୍ୟର ସାହିତ୍ୟିକ ଓ ଲେଖକ ଅଂଶଗ୍ରହଣ କରିଥିଲେ। ଆଲୋଚନାଚକ୍ରରେ ବାଇଗଣବାଡ଼ିଆ ବି.ବି.କଲେଜର ଅଧ୍ୟକ୍ଷା ଡ.ସଂଯୁକ୍ତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୟୂରଭଞ୍ଜ ସାହିତ୍ୟ ପରିଷଦ ଉପସଭାପତି ଜୟନ୍ତ କୁମାର ଦ୍ୱାରୀ, ପୁରୀ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ସଭାପତି ଅଜିତ କୁମାର କବାଟ ପ୍ରମୁଖ ଯୋଗ ଦେଇଥିଲେ। ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ.ନିର୍ମଳ ଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ ଆଲୋଚନା ଚକ୍ର ପରିଚାଳିତ ହୋଇଥିଲା।

# ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ଅଙ୍ଗୁଳି ଛିଣ୍ଡିଲା

## ଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତା ଅଭିଯୋଗ

ବେତନଟୀ,୧୪ (ଧରଣୀଧର ମହାନ୍ତି)

ବେତନଟୀ ବ୍ଲକ ସୁଖିଲାହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁ ସୋମବାର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ଦୁଇ ଅଙ୍ଗୁଳି ଛିଣ୍ଡି ପଡ଼ିଥିବା ଛାତ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସବୁଦିନ ଭଳି ଛାତ୍ରୀଛାତ୍ରମାନେ ଆଗ ବିଦ୍ୟାଳୟରେ ପହଞ୍ଚିବା ପରେ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ଆସିଥାନ୍ତି। ସୋମବାର ଛାତ୍ରୀଛାତ୍ରମାନେ ଆଗରେ ଆସି ଖେଳକୁଦରେ ଲାଗି ପଡ଼ିଥିଲେ। ୨ଶ୍ରେଣୀ ଛାତ୍ରୀ ଗାୟତ୍ରୀ ମୁର୍ମୁ ଭୁଲ ବସତଃ କବାଟ ସନ୍ଧିରେ ହାତ ରଖି ଦେଇଥିଲେ। ଏହି ସମୟରେ ତୃତୀୟ ଶ୍ରେଣୀର ଦୁଇଜଣ ଛାତ୍ରୀ ହଠାତ୍ କବାଟ ବନ୍ଦ କରି ଦେବାରୁ କବାଟ ସନ୍ଧିରେ ଗାୟତ୍ରୀଙ୍କ ଦୁଇଟି ଅଙ୍ଗୁଳି ଚାପିହୋଇ ଅଗ୍ରଭାଗ ସମ୍ପୂର୍ଣ୍ଣ ଛିଣ୍ଡି ପଡ଼ିଥିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସାରଳା ମହାନ୍ତଙ୍କୁ ପଚାରିବାରୁ ଅଙ୍ଗୁଳି ଛିଣ୍ଡି ନାହିଁ ବରଂ ନଖ ଉପୁଡ଼ି ଯାଇଥିବା କହିଛନ୍ତି।

# ‘ମା’, ମାଟି, ମାତୃଭାଷା ପାଇଁ ସୁରକ୍ଷା ଲୋଡ଼ା’

- ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
- ସୀମାନ୍ତରେ ହେବ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସ୍ୱାଗତତୋରଣ

ଭୋଗରାଇ, ୧୪( ପ୍ରଦୀପ ଦାସ)


ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ସହାବାଜିପୁର, ଚନ୍ଦନେଶ୍ୱର ଓ ଦେଉଳା ହାଟ ଆଦି ସ୍ଥାନରେ ଉତ୍କଳ ଦିବସ ପାଳନ କମିଟି, ଉତ୍କଳ ସମ୍ମିଳନୀ, ଭୋଗରାଇ ଉତ୍ସବ ଓ ବରିଷ୍ଠ ନାଗରିକ କମିଟି ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁଦାଶ, ବ୍ୟାସକବିଫକୀରମୋହନ ସେନାପତିଙ୍କ ସହ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଓଡ଼ିଆର ଅସ୍ମିତାର ବୀରତ୍ୱ କାହାଣୀ ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିନିମନ୍ତେ ବୁଧବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଣ୍ଣାଢ୍ୟ ଉତ୍ସବ ଆରମ୍ଭ ହୋଇଛି। ଦେଉଳା ଉତ୍କଳ ଦିବସ ପ୍ରସ୍ତୁତି କମିଟି ପକ୍ଷରୁ ସକାଳେ ଉତ୍କଳଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଶିକ୍ଷାବିତ ମନ୍ମଥ କୁମାର ଗିରି ଓ ବିଶିଷ୍ଟ ସାମାଜିକ କର୍ମୀ ଶକ୍ତିପଦ ଦାସ ମହାପାତ୍ର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଥାନାଛକରେ ବ୍ୟାସକବି ଫକୀରମୋହନ ସେନାପତି, ଚନ୍ଦନେଶ୍ୱରରେ ପ୍ରବାଦ ପୁରୁଷ ବିଜୟାନନ୍ଦ ପଟ୍ଟନାୟକ, ସାହାବାଜିପୁର ଉତ୍କଳ ଗୌରବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ବିଧାୟକ ଗୌତମବୁଦ୍ଧ ଦାସ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲାପରିଷଦ ସଦସ୍ୟ ଜୟରାମ ଦାସ, (ନେପୁ )ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, କବିତା ମହାନ୍ତି, ନିବେଦିତା ମହାନ୍ତି, ବିଜେଡି ନେତା ନଳିନୀ ସେଠୀ, ନିଶିକାନ୍ତ ସାହୁ, ସରପଞ୍ଚ ସରସ୍ୱତୀ କରଣ, ବିଜେଡି ସଭାପତି ରମାକାନ୍ତ କରଣ, ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ଶିକ୍ଷକନେତା ସୁଶାନ୍ତ ବେହେରା, ବିଜେଡିର ବରିଷ୍ଠ ନେତା ତପନ କୁମାର ପଣ୍ଡା। ସନ୍ଧ୍ୟାରେ ସାହାବାଜିପୁର ସାଗରସାଥି କ୍ଲବ ପକ୍ଷରୁ ମଧୁମଣ୍ଡପରେ ଏକ ସାଧାରଣ ସଭା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଗୌତମବୁଦ୍ଧ ଦାସ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ନିବେଦିତା ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ପରିଷଦ ପକ୍ଷରୁ ଓଡିଶା ସୀମାନ୍ତ ସାହାବାଜିପୁରଠାରେ ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଏକ ସ୍ୱାଗତ ତୋରଣ କରାଯିବାର ଜିଲାପରିଷଦ ଅଧ୍ୟକ୍ଷ ସୂଚନା ଦେଇଥିଲେ।

# ବସ୍ତାରେ ସରକାରୀ ମହିଳା ପଲିଟେକନିକ୍ ପ୍ରତିଷ୍ଠା ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟିକା ସୁବାସିନୀ


ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ବିଧାୟିକା।

ବାଲେଶ୍ୱର, ୧୪(ବାଞ୍ଛାନିଧି ଦେ)

ବସ୍ତା ବିଧାୟିକା ସୁବାସିନୀ ଜେନା ସୋମବାରସନ୍ଧ୍ୟାରେମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରିଥିଲେ। ବସ୍ତା ନିର୍ବାଚନମଣ୍ଡଳୀରେ ଏକ ସରକାରୀ ମହିଳା ପଲିଟେକନିକ୍ ପ୍ରତିଷ୍ଠା କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି।

ବସ୍ତା ନିର୍ବାଚନମଣ୍ଡଳୀର ବସ୍ତା ଓ ବାଲିଆପାଳ ବ୍ଲକ ସମେତ ଉତ୍ତର ବାଲେଶ୍ୱର ଗ୍ରାମାଞ୍ଚଳଗୁଡ଼ିକରେ ଅଧିକାଂଶ ପରିବାର କୃଷି, କ୍ଷୁଦ୍ର ବ୍ୟବସାୟ ଏବଂ ଅଣସଂଗଠିତ କ୍ଷେତ୍ରର ନିଯୁକ୍ତି ଉପରେ ନିର୍ଭର କରିଥାନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯୋଗୁ ବିଦ୍ୟାଳୟସ୍ତରରେ ନାମଲେଖା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହୋଇଥିଲେ ମଧ ଉଚ୍ଚ ଏବଂ ବୈଷୟିକ ଶିକ୍ଷାକ୍ଷେତ୍ରରେ ଝିଅମାନଙ୍କ ଯୋଗଦାନ ଏବେ ବି ଯଥେଷ୍ଟ କମ୍ ରହିଛି। ରାଜ୍ୟଶିକ୍ଷା ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ମହିଳା ସାକ୍ଷରତା ହାରରେ ସୁଧାର ଆସିଥିଲେ ହେଁ ଡିପ୍ଲୋମାସ୍ତରୀୟ ବୈଷୟିକ ଶିକ୍ଷା କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ଅଂଶଗ୍ରହଣ ଏବେ ବି ପଛରେ ରହିଛି। ବିଶେଷ କରି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ଏହା ସ୍ପଷ୍ଟ ବାରି ହୋଇପଡ଼େ। ବର୍ତ୍ତମାନ ବାଲେଶ୍ୱର ଜିଲାରେ ଝିଅମାନଙ୍କ ପାଇଁ ପଲିଟେକନିକ୍ ଶିକ୍ଷା ସୁବିଧା ଅତ୍ୟନ୍ତ ସୀମିତ। ବର୍ତ୍ତମାନ ଥିବା ଅନୁଷ୍ଠାନଗୁଡ଼ିକ ମିଳିତ ଶିକ୍ଷା ବା କୋ-ଏଜୁକେଶନ୍ ପ୍ରଦାନ କରୁଛନ୍ତି, ଯେଉଁଠାରେ ସିଟ୍ ସଂଖ୍ୟା ସୀମିତ ଅଛି କିମ୍ବା ସେଗୁଡ଼ିକ ବାଲେଶ୍ୱର ସହରଠାରୁ ଦୂର ସ୍ଥାନରେ ଅବସ୍ଥିତ। ତେଣୁ ଉତ୍ତର ବାଲେଶ୍ୱରର ଆର୍ଥିକ ଅନଗ୍ରସର ଶ୍ରେଣୀର ଝିଅମାନଙ୍କ ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ ସାଜୁଛି। ଏଥିସହିତ ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବୈଷୟିକ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଥିବା ଲିଙ୍ଗଗତ ବ୍ୟବଧାନକୁ ଦୂର କରିବା ପାଇଁ ଓ ଉତ୍ତର ବାଲେଶ୍ୱର ଅଞ୍ଚଳର ମହିଳାମାନଙ୍କୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ଅଧିକ ସୁଯୋଗ ଦେବା ପାଇଁ ବସ୍ତା ନିର୍ବାଚନମଣ୍ଡଳୀରେ ଗୋଟିଏ ସରକାରୀ ମହିଳା ପଲିଟେକନିକ୍ ସ୍ଥାପନ କରିବା ପାଇଁ ବିଧାୟିକା ଜେନା ଦାବିପତ୍ର ପ୍ରଦାନ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୪ ଲକ୍ଷ ସହାୟତା

## ଗୋରୁ ଗାଡି ଅଟକାଇବାକୁ ଯାଇ ଯୁବକଙ୍କ ମୃତ୍ୟୁ ଘଟଣା

ବାହାନଗା, ୧୪(ଅରୂପ କୁମାର ଦାସ): ବାହାନଗା ବ୍ଲକ ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ବାରିକପୁର ନିକଟରେ ଗୋରୁ ଗାଡି ଅଟକାଇବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ରଖି ଖନ୍ତାପଡା ଥାନା ଆଗରେ ରାସ୍ତା ଅବରୋଧ ପରେ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ଲକ୍ଷ ଟଙ୍କା ସହାୟତା ପ୍ରତିଶ୍ରୁତି ମିଳିଛି। ଜବତ ଗୋରୁଗୁଡ଼ିକୁ ବାମପଦାସ୍ଥିତ ମା’ ଭାରତୀ ଗୋଶାଳାରେ ରଖାଯାଇଛି। ଏନେଇ ଖନ୍ତାପଡା ଥାନାରେ ଏକ ମାମଲା(ନଂ.୧୨୩/୨୬) ରୁଜୁ ହୋଇଛି।

ମଙ୍ଗଳବାର ଭୋରରେ ଗୋଚାଲାଣ ହେଉଥିବା ଖବରପାଇ ଗୋସୁରକ୍ଷା ବାହିନୀର କସବାଜୟପୁର ପଞ୍ଚାୟତ ଅଳସୁଁଆ ଗ୍ରାମର କୃପାସିନ୍ଧୁ ବେହେରା ଓ ଲମ୍ବୋଧର ମହାପାତ୍ର ବାଇକରେ ଗାଡିକୁ ପିଛା କରିଥିଲେ। ଖନ୍ତାପଡା ନିକଟ ଅଳସୁଆଁ ୧୬ନମ୍ବର ଜାତୀୟ ରାଜପଥ ନିକଟରେ ବାଇକରେ ଥିବା ୨ଯୁବକଙ୍କୁ ଗୋରୁ ବୋଝେଇ ଗାଡି ଧକ୍କା ଦେଇଥିଲା। ଦୁର୍ଘଟଣାର ଶିକାର ହୋଇଥିବା ୨ ଯୁବକଙ୍କୁ ଲୋକେ ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର କୃପାସିନ୍ଧୁଙ୍କୁ ମୃତ ଘୋଷଣା କରିଥିଲେ। ଲମ୍ବୋଦରଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଗାୟତ୍ରୀ ପ୍ରଧାନ, ସଦର ଆଇଆଇସି ଆଲୋକ କୁମାର ବେହେରା ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ବଜରଙ୍ଗ ଦଳ ତରଫରୁ ମୃତକଙ୍କ ପରିବାରକୁ ପ୍ରଶାସନ କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ମୃତଦେହ ରଖି ରାଜପଥ ଅବରୋଧ କରି ଧାରଣା ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂହ, ବାହାନଗା ତହସିଲଦାର ଅମ୍ବିକା ଭୂୟାଁ, ଏସ୍‌ପି ପ୍ରତ୍ୟୁଷ ଦିବାକର ପହଞ୍ଚି ଚିକିତ୍ସାଧୀନ ଯୁବକଙ୍କ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି କହିଥିଲେ।

# ‘ଜନସାଧାରଣଙ୍କ ସେବା ପାଇଁ ପୋଲିସ ପ୍ରତିବଦ୍ଧ’

## ଜିଲାସ୍ତରୀୟ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ

ବାଲେଶ୍ୱର, ୧୪(ବାଞ୍ଛାନିଧି ଦେ)


ଡିଆଇଜି ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ବାଲେଶ୍ୱର ରିଜର୍ଭ ପୋଲିସ ପରେଡ ପଡିଆରେ ବୁଧବାର ଜିଲାସ୍ତରୀୟ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ପରେଡ ଅଭିବାଦନ ଗ୍ରହଣ କରି ଜନସାଧାରଣଙ୍କ ସୁରକ୍ଷା ଓ ସେବା ପାଇଁ ପୋଲିସ ସର୍ବଦା ପ୍ରତିବଦ୍ଧ। ମାଓବାଦୀ ସମସ୍ୟା ସଫଳତାର ସହ ମୁକାବିଲା ହୋଇଛି। ଏଥିପାଇଁ ବହୁ ପୋଲିସ ପ୍ରାଣବଳି ଦେଇଛନ୍ତି। ନିରପେକ୍ଷ ଭାବେ କର୍ତ୍ତବ୍ୟ ପାଳନ କରିବାକୁ ଡିଆଇଜି ମିଶ୍ର କହିଥିଲେ। ଏଥିସହ ସେ ଓ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛାବାର୍ତ୍ତା ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ପ୍ରତ୍ୟୁଷ ଦିବାକର, ଆଇପିଏସ୍ ପ୍ରୋବେଶନର ମନୀଷା ସୌଗୁନ ଓ ମଞ୍ଜୁଷା ଜଜ୍ ମଞ୍ଚାସୀନ ଥିଲେ। କାର୍ଯ୍ୟଦକ୍ଷତା ପାଇଁ ଏସ୍‌ଆଇ ବିଜୟ କୁମାର ବାରିକ, ଏଏସ୍‌ଆଇ ସଂଗ୍ରାମ କେଶରୀ ବେହେରା, ଡ୍ରାଇଭର ହାବିଲଦାର ଶିଶିର କୁମାର ଜେନା, କନଷ୍ଟେବଲ ମୀନାରାଣୀ ପ୍ରଧାନ ଓ ଯଶୋଦା ଜେନା ଓ ଟ୍ରାଫିକ କନଷ୍ଟେବଲ ମନୋଜ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ରିଜର୍ଭ ଇନ୍ସପେକ୍ଟର ଭାଗୀରଥି ବେହେରା ଓ ସବ ଇନ୍ସପେକ୍ଟର ଟୁନା ସେଠୀଙ୍କ ତତ୍ତ୍ୱାବଧାନରେ ପରେଡ ପରିଚାଳନା ହୋଇଥିଲା। ଏଏସ୍‌ପି ଦେବଜ୍ୟୋତି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଏସ୍‌ପି ନିରଞ୍ଜନ ବେହେରା ଓ ଆଲୋକ ରଞ୍ଜନ ରାୟ, ଡିଏସ୍‌ପି ନିବେଦିତା ସୋରେନ, ଆଇଆଇସି ପର୍ଶୁରାମ ସାହୁ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ, ଟାଉନ ଥାନା ଅଧିକାରୀ ବିଜୟ ଦାସ, ସଦର ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ରୋହିତ ବଳ, ଡ଼. ମଧୁସ୍ମିତା ସାମନ୍ତରାୟ, ଓକିଲ ସଂଘ ସଭାପତି ମନୋଜ ନାୟକଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଓ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ବାଲିଆପାଳ ଶିଶୁ ମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ

ବାଲିଆପାଳ, ୧୪(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲ୍ଲା ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରରେ ବୁଧବାର ବିଦ୍ୟାରମ୍ଭ ଯଜ୍ଞ ଓ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀମାନେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ବିଦ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଖଗଡେଶ୍ୱର ମହାଦେବ ମନ୍ଦିର ପୋଖରୀରୁ ଘଟତ୍ତୋଳନ କରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ବ୍ରାହ୍ମଣ ଦ୍ୱାରା ବିଦ୍ୟାରମ୍ଭ ଯଜ୍ଞ ସମାପନ ପରେ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ାଇବା ଆରମ୍ଭ କରିଥିଲେ। ଏହି ଅବସରରେ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା ପରିଚାଳନା କରିଥିଲେ। ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ, ବୀରମାଧବ ଦାସ, ଶିଶୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଦେବବ୍ରତ ଦଣ୍ଡପାଟ, କୋଷାଧ୍ୟକ୍ଷ ନଗେନ୍ଦ୍ର ଦଣ୍ଡପାଟ, କମିଟି ସଦସ୍ୟ ହିମାଂଶୁ ଜେନା ଓ କମଳାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ ବିଷୟରେ ବକ୍ତବ୍ୟ ଦେଇଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସ ପାଳିତ


ଓଡ଼ିଶା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ ସଭ୍ୟଗଣ।

ଖଇରା, ୧୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ଶିକ୍ଷକ ଭବନ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଖଇରା ବରିଷ୍ଠ ନାଗିରିକ ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାୟୀ ସଭାପତି ଶରତ କୁମାର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ବିଡିଓ ନାରାୟଣ ସାହୁ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ଓ ଅନ୍ତର୍ଯ୍ୟାମୀ ପାତ୍ର ଉପସ୍ଥିତ ରହି ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ବଳିଦାନ ଦେଇଥିବା ବରପୁତ୍ରମାନଙ୍କୁ ମନେପକାଇ ନିଜକୁ ସ୍ୱାଭିମାନୀ ଭାବେ ଗଢ଼ିପାରିଲେ ଏହି ଦିବସ ପାଳନର ସାର୍ଥକତା ମିଳିପାରିବ ବୋଲି କହିଥିଲେ। ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ, ରଘୁନାଥ ପତ୍ରୀ ମଞ୍ଚ ଆହ୍ୱାନ, ବୁଦ୍ଧିରାମ ପାଣିଗ୍ରାହୀ ଅତିଥି ପରିଚୟ, ନାରାୟଣ ପେଡା ଅତିଥି ପରିଚୟ, କିଶୋର ରାଉତଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ, ଅନାମ ଚରଣ ପଣ୍ଡା, ମହେନ୍ଦ୍ର ପ୍ରସାଦ କବି ଓ ଅରୁଣ ସ୍ୱାଇଁ ମଞ୍ଚ ପରିଚାଳନା, ନାରାୟଣ ପେଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ ଖଇରା ବ୍ଲକ ପରିସରରେ ଥିବା ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ଗାନ୍ଧୀ, ଗୋପବନ୍ଧୁ ଓ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

# ପଟ୍ଟା ପାଇ ବି ଚିହ୍ନଟ ହେଉନି ଜମି

## ଚାତକ ଭଳି ଚାହିଁଛନ୍ତି ହିତାଧିକାରୀ

ଜଳେଶ୍ୱର, ୧୪(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ସର୍ଦ୍ଧାରବନ୍ଧ ପଞ୍ଚାୟତ ଚୁଡ଼ାମଣିପୁର ଗ୍ରାମର ୪୦ ଭୂମିହୀନ ପରିବାରକୁ ୧୯୯୯ ମସିହାରେ ସରକାରଙ୍କ ତରଫରୁ ଏବଂ ସେତେବେଳେର ସରପଞ୍ଚ ରାମଚନ୍ଦ୍ର ଚୁଡୁଙ୍କ ଉଦ୍ୟମରେ ୩ରୁ ୪ ଡିସିମିଲ ପର୍ଯ୍ୟନ୍ତ ଜାଗା ମିଳିଥିଲା। ଦୀର୍ଘ ୨୫ ବର୍ଷ ହେବ ଏହି ହିତାଧିକାରୀମାନେ ନିୟମିତ ଭାବେ ପଟ୍ଟାର ଖଜଣା ପଇଠ କରିଆସୁଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ ନିଜ ଜମିକୁ ଆଖିରେ ଦେଖିବାକୁ ସୁଯୋଗ ପାଇନାହାନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କାଗଜପତ୍ରରେ ସେମାନେ ଜମିର ମାଲିକ ସାଜିଥିବା ବେଳେ ବାସ୍ତବ କ୍ଷେତ୍ରରେ ଜମିର କୌଣସି ଚିହ୍ନବର୍ତ୍ତ ନାହିଁ। ଅନେକ ସ୍ଥାନରେ ପଟ୍ଟା ମିଳିଥିବା ଜମିକୁ ପ୍ରଭାବଶାଳୀ ବ୍ୟକ୍ତି ବା ଜବରଦଖଲକାରୀମାନେ ମାଡ଼ି ବସିଛନ୍ତି। କିଛି ସ୍ଥାନରେ କାଗଜରେ ଥିବା ପ୍ଲଟ୍ ନମ୍ବରଟି ବାସ୍ତବରେ ପାହାଡ଼, ନାଳ କିମ୍ବା ଶ୍ମଶାନ ବୋଲି ଜଣାପଡୁଛି। ଫଳରେ ସରକାରଙ୍କ ‘ବସୁନ୍ଧରା’ ଭଳି ଲୋକାଭିମୁଖୀ ଯୋଜନା ଏଠାରେ ସମ୍ପୂର୍ଣ୍ଣ ରୂପେ ପ୍ରହସନ ପାଲଟିଛି। ପଟ୍ଟା ବଣ୍ଟନ ପରେ ଅମିନଙ୍କ ଦ୍ୱାରା ଜମି ମାପଚୁପ ଏବଂ ସୀମା ଚିହ୍ନଟ ପ୍ରକ୍ରିୟା ବର୍ଷ ବର୍ଷ ଧରି ପଡ଼ିରହିବା ପଛରେ ସ୍ଥାନୀୟ ତହସିଲ ପ୍ରଶାସନର ଢିଲା ମନୋଭାବକୁ ଦାୟୀ କରାଯାଇଛି। ଗ୍ରାମର ସାରଳା ମହାନ୍ତ, ନିର୍ମଳ ମାନ୍ନା, ରମେଶ ମହାନ୍ତ, ସୁବୋଧ ମହାନ୍ତ, ବଙ୍କିମ ମହାନ୍ତ, ଘସିରାମ ମହାନ୍ତ, ଗୌରାଙ୍ଗ ମହାନ୍ତ ଓ ଶକୁନ୍ତଳା ମହାନ୍ତଙ୍କ ସମେତ ଅନେକ ଗ୍ରାମବାସୀ ଏ ନେଇ ତୁରନ୍ତ ଜାଗା ଚିହ୍ନଟ ପାଇଁ ନିବେଦନ କରିଛନ୍ତି।

‘ଆମେ କାଗଜରେ ଜମିର ମାଲିକ, କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ଆଜି ବି ପରଦୁଆରେ। ସରକାରଙ୍କୁ ଖଜଣା ଦେଉଛୁ, ହେଲେ ନିଜ ଜାଗା ଟିକେ ଚିହ୍ନଟ କରିବାକୁ କେହି ଶୁଣୁନାହାନ୍ତି’ ବୋଲି ଜଣେ ହିତାଧିକାରୀ କହିଛନ୍ତି। ତୁରନ୍ତ ସରକାରୀ ସ୍ତରରେ ତଦନ୍ତ କରାଯାଇ ଅମିନଙ୍କ ଦ୍ୱାରା ଜମିର ମାପଚୁପ କରାଯାଉ ଏବଂ ଭୂମିହୀନଙ୍କୁ ସେମାନଙ୍କର ପ୍ରାପ୍ୟ ଜମି ହସ୍ତାନ୍ତର କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

ଏ ନେଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ହିତାଧିକାରୀଙ୍କୁ ଦରଖାସ୍ତ ପାଇଁ କହିଛୁ, ଦରଖାସ୍ତ ଦେଲେ ଆମେ ଜାଗା ଚିହ୍ନଟ କରିବୁ।

3001/14/2526



# ସୁନାନଦୀ ପାଲଟିଲାଣି ଡ୍ରେନ୍

ଯୋଡ଼ା,୧।୪(ମାନସ ମହାନ୍ତି)

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଉପତ୍ୟକା ଅଞ୍ଚଳର ଜୀବନରେଖା କୁହାଯାଉଥିବା ସୁନାନଦୀ ଏବେ ନର୍ଦ୍ଦମାନାଳ ତଥା ଡ୍ରେନ୍‌ରେ ପରିଣତ ହୋଇଗଲାଣି। ଏକଦା ବିଭିନ୍ନ ସମ୍ପ୍ରଦାୟର ପୂଜା, ଶୁଦ୍ଧିକର୍ମ ସହ ଲୋକେ ଗାଧୋଇବା ପାଇଁ ବ୍ୟବହାର କରୁଥିଲେ। ମାତ୍ର ନଦୀକୂଳରେ ଅବସ୍ଥାପିତ ଲୋକଙ୍କ ଅପାରଗତା ଓ ପୌରପାଳିକାର ନୀରବତା ଯୋଗୁ ନଦୀଜଳ ଏବେ ବିଷାକ୍ତ ହୋଇଗଲାଣି। ଏବେ ସୁନାନଦୀରେ ଗାଧୋଇଲେ ଚର୍ମରୋଗ ହୋଇଯାଉଥିବା ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ନଦୀର ସୁରକ୍ଷା କରିବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, ସୁନାନଦୀ ସୁନ୍ଦରଗଡ଼ ଜିଲ୍ଲାର ପାଟମୁଣ୍ଡା ଅଞ୍ଚଳରୁ ଉତ୍ପତ୍ତି ହୋଇଛି। ସୁଦୀର୍ଘ ବନାଞ୍ଚଳ ଏବଂ ଖଣିକ୍ଷେତ୍ର ଅତିକ୍ରମକରି ଯୋଡ଼ା ସହରର ମଧ୍ୟଭାଗରେ ସହରକୁ ୨ ଭାଗରେ ବିଭକ୍ତକରି ବୋହିଯାଇଛି। ଚିରସ୍ରୋତା ନଦୀ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ନିକଟରେ ବୈତରଣୀ ନଦୀ ସହ ବିଲୟ ହୋଇଛି। ବଡ଼ କମ୍ପାନୀର ଖଣି ଏହି ସୁନା ନଦୀ ଅବବାହିକାରେ ରହିଛି। ୨୦୧୦ରେ କ୍ରମ ବର୍ଦ୍ଧିଷ୍ଣୁ ଖଣି ଖନନ ହେତୁ ଅଞ୍ଚଳରେ ମୃତ୍ତିକା କ୍ଷୟ ହୋଇ ନଦୀ ପୋତିହୋଇ କ୍ରମଶଃ ସଙ୍କୁଚିତ ହୋଇଯାଇଥିବା ସୁନା ଓ କାରୋ ନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ଅଶୋକ ଠକ୍କର କହିଛନ୍ତି। ଯୋଡ଼ା ସହର ୱାର୍ଡ ନଂ. ୨, ୩, ୪, ୫, ୬, ୭ ଓ ୧୦ ଦେଇ ଲହଣ୍ଡା, ମୁଟୁଦା, ବିରି କଳା, ବିଲେଇପଦା ପ୍ରଭୃତି ଗ୍ରାମାଞ୍ଚଳ ଦେଇ କଣ୍ଡରାରେ ବୈତରଣୀ ନଦୀରେ ମିଶିଛି। ଉପକଣ୍ଠ ୩ ନଂ. ୱାର୍ଡରେ ପ୍ରବେଶକରିବା ପରେ ସଙ୍କୁଚିତ ସୁନାନଦୀ ଦୁର୍ଗନ୍ଧମୟ ନର୍ଦ୍ଦମା ନାଳରେ ପରିଣତ ହୋଇଛି। ଏପରିକି ପାଣିରେ ଗୋଡ଼ ବୁଡ଼ାଇଲେ ମଧ୍ୟ ଚର୍ମରୋଗ ହୋଇଯାଉଛି। ଖଣି ଖାଦାନ ସୁନାନଦୀକୁ ପ୍ରଦୂଷିତ କରିବା ପାଇଁ ଯେତିକି ଦାୟୀ, ସେହି ଅନୁପାତରେ ଯୋଡ଼ା ପୌରପାଳିକାର ଲୋକେ ମଧ୍ୟ ଦାୟୀ। ସୁନାନଦୀରେ ମାଛ ଧରୁଥିବା ସୁନାରାମ ଗାଗ୍ରାଇ, ଧନପୂର୍ତ୍ତି ପ୍ରମୁଖ କୁହନ୍ତି, ସୁନାନଦୀର ତଳମୁଣ୍ଡରେ ମାଛବଂଶ ସମ୍ପୂର୍ଣ୍ଣ

## ବ୍ୟବହାର ଉପଯୋଗୀ ହେଉନି ପାଣି, ପୌରପାଳିକା ନୀରବଦ୍ରଷ୍ଟା



ପ୍ରଦୂଷିତ ସୁନାନଦୀ।

ଲୋପ ପାଇବାକୁ ବସିଲାଣି। ଏହାର କାରଣ ୪ ନଂ. ୱାର୍ଡ ନଦୀ ସଂଲଗ୍ନ ଅଞ୍ଚଳରେ ଥିବା ଘରଗୁଡ଼ିକରେ ସେପ୍ଟିକ୍ ଟାଙ୍କି ନ କରି ଦୂଷିତ ଜଳ ଓ ମଳକୁ ନଦୀରେ ଛାଡ଼ି ଦିଆଯାଉଛି। ବରିଷ୍ଠ ନାଗରିକ ସୁରେନ୍ଦ୍ର ନାଥ ମହାନ୍ତି କହିଛନ୍ତି, ଏକଦା ନିର୍ମଳ ସ୍ୱଚ୍ଛ କାଚକେନ୍ଦୁ ପରି ଜଳ ସୁନାନଦୀରେ ଥିଲା। ଏବେ ରାସାୟନିକ ବିଷାକ୍ତ ଜଳରେ ପରିଣତ ହୋଇଯାଇଥିବା କହିଥିଲେ। ନିକଟ ଅତୀତରେ ଏକ ଶୁଦ୍ଧିକାର୍ଯ୍ୟରେ ସୁନାନଦୀ କୂଳରେ ଥିବା ଏକ ଘାଟକୁ ଯାଇଥିଲେ। ସେଠାରେ ମଳଯୁକ୍ତ ଜଳ ଏବଂ ଅନ୍ୟ ଆବର୍ଜନା ଭାସୁଥିବା ଦେଖିଥିଲେ। ଶୁଦ୍ଧି କାର୍ଯ୍ୟ ନ କରାଇ ପ୍ରତ୍ୟାବର୍ତ୍ତନ କରିଥିଲେ। କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ବି.ଏନ୍. ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନରେ ଅନେକ ଶୌଚାଳୟ କରାଯାଇଥିଲା। ଶୌଚାଳୟରୁ ନିର୍ଗତ ଆବର୍ଜନା ସିଧାସଳଖ ସୁନାନଦୀରେ ମିଶିବା ନିହାତି ଉଦ୍‌ବେଗର ବିଷୟ। ବିହାରୀ ସମ୍ପ୍ରଦାୟର ଛଟ୍‌ପୂଜା, ଓଡ଼ିଶାର ପ୍ରମୁଖ ଜାଗରମେଳା, ଶ୍ରାବଣ ଜଳାଭିଷେକ, କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗାଭସା ପ୍ରଭୃତି ଧାର୍ମିକ କାର୍ଯ୍ୟ କରାଯାଉଛି। ସେହିପରି ଶୁଦ୍ଧି କାର୍ଯ୍ୟ ମଧ୍ୟ ଏହି ନଦୀରେ କରାଯାଉଛି। ସଚେତନ କରାଇବା ପରେ ପୌରପାଳିକା ଏଥିରୁ କ୍ଷାନ୍ତ ହେଉ ନ ଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଉପରେ ଆର୍ଥିକ ଜରିମାନା ଲଗାଇଲେ କେତେକାଂଶରେ ସୁଧାର ଅଣାଯାଇପାରିବ। ଏ ସଂକ୍ରାନ୍ତରେ ଆବଶ୍ୟକ ହେଲେ ଅର୍ବାନ ବିଭାଗର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ କହିଛନ୍ତି, ସୁନାନଦୀରେ ଆବର୍ଜନା ଜଳ ଛଡ଼ାଯାଉଥିବା ନେଇ ତାଙ୍କଠାରେ ଅଭିଯୋଗ ହୋଇଛି। ପ୍ରଦୂଷଣ ବିଭାଗକୁ ଚିଠି ଲେଖି ମିଳିତ ତଦନ୍ତ କରାଯିବ। ତଦନ୍ତ ସମୟରେ ଯେଉଁମାନେ ଏହି କାର୍ଯ୍ୟ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନୂଆ ବୁଲେଟ୍‌ର ଶୁଭାରମ୍ଭ



କେନ୍ଦୁଝର,୧।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ରୟାଲ ଏନ୍‌ଫିଲ୍ଡର ଡିଲରଶିପ ସାଇ ଅଟୋମୋବାଇଲଠାରେ ବହୁ ପ୍ରତିକ୍ଷୀତ ୨୦୨୬ ଗରିଲା ୪୫୦ର ବଜାର ପ୍ରବେଶ କରାଯାଇଛି। ଏହି ଅବସରରେ କେନ୍ଦୁଝର ଡାଙ୍ଗରପଡ଼ାସ୍ଥିତ ସୋ ରୁମ୍‌ରେ ରୟାଲ ଏନଫିଲ୍ଡର କଷ୍ଟମର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ବୋଲି ଡିଲର ପ୍ରିୟପାଲ ପ୍ରଦୀପ ବାରିକ କହିଛନ୍ତି। ଏଥିରେ ଅପଡେଟ୍ ଫିଚର ଗ୍ରାହକ ପାଇବେ ବୋଲି ସେ କହିଛନ୍ତି।

# ୩୮୨୬ ଜଣଙ୍କୁ ସେବା ପ୍ରଦାନ

## ସେନାର ସମନ୍ୱିତ ଚିକିତ୍ସା ଶିବିର

କେନ୍ଦୁଝର,୧।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲ୍ଲା ପ୍ରଶାସନ ଆବାହକତ୍ୱରେ ସ୍ଥାନୀୟ ପୌର ପ୍ରେକ୍ଷାଳୟରେ ଆଦର୍ଶ ସମନ୍ୱିତ ଚିକିତ୍ସା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୮୨୬ ଜଣଙ୍କୁ ସେବା ପ୍ରଦାନ କରାଯାଇଛି। ପୂର୍ବତନ ସୈନିକ, ସେମାନଙ୍କ ପରିବାରର ବୀର ନାରୀ, ବିଧବା, ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ବ୍ୟକ୍ତି ତଥା ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଛି।

କେନ୍ଦୁଝର ଜିଲ୍ଲା ପ୍ରଶାସନ, ପୂର୍ବତନ ସୈନିକ ଲିଗ୍, ଷ୍ଟେଶନ ମୁଖ୍ୟାଳୟ ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ଦ୍ୱାରା ଆୟୋଜିତ ୨ ଦିନିଆ ଶିବିରରେ ପୂର୍ବତନ ସୈନିକଙ୍କ ପାଇଁ ଏକାଧିକ ସେବା ପ୍ରଦାନ କରାଯାଇଛି। ଏଥିରେ 'ସ୍ପର୍ଶ' ମାଧ୍ୟମରେ ପେନ୍‌ସନ୍ ସମ୍ବନ୍ଧୀୟ ଅଭିଯୋଗର ସମାଧାନ, ଇସିଏଚ୍‌ଏ ପଞ୍ଜୀକରଣ, ସିଏସ୍‌ଡି ସୁବିଧା ହାସଲ ପାଇଁ ପଞ୍ଜୀକରଣ, ନିରାମୟ ସ୍ୱାସ୍ଥ୍ୟ ବୀମା, ଫିଜିଓଥେରାପି ଓ ମନସ୍ତାତ୍ତ୍ୱିକ ରୋଗ ପରାମର୍ଶ ଓ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଶର୍ଯ୍ୟା ଓ ଭେଷଜ, ଚକ୍ଷୁ, ଦନ୍ତ, ଅସ୍ଥିଶଲ୍ୟ ଚିକିତ୍ସା ସାମିଲ ରହିଛି। ଶିବିରରେ ପ୍ରଥମ ଥର ପାଇଁ ଦିବ୍ୟାଙ୍ଗଙ୍କ ପାଇଁ ମାନକ ପରୀକ୍ଷଣ କରାଯାଇ ଅନନ୍ୟ ଅକ୍ଷମତା ପରିଚୟ କାର୍ଡ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ବିଶାଳ ସିଂହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରିଥିବାରୁ ବାଲେଶ୍ୱର ଷ୍ଟେଡ଼ନ ମୁଖ୍ୟାଳୟ ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଛତିଶଗଡ଼ ଏବଂ ଓଡ଼ିଶା ସବଏରିଆ କମାଣ୍ଡର ବ୍ରିଗେଡିୟର୍ ଟି.ଏସ. ବାୱା ଶିବିରକୁ ଉଦ୍‌ଘାଟନ କରିଥିଲେ।

# ଚନ୍ଦନ ଭାଜପା ଜିଲ୍ଲା ଯୁବମୋର୍ଚ୍ଚାର ସଂଯୋଜକ

ଛେନାପଦି/ ବଉଳା,୧।୪(ନିରାକାର ପରିଡା/ ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ଇଞ୍ଜୋଳର ଚନ୍ଦନ ପଣ୍ଡାଙ୍କୁ ଭାରତୀୟ ଜନତା ପାର୍ଟି ପକ୍ଷରୁ କେନ୍ଦୁଝର ଜିଲ୍ଲା ଯୁବମୋର୍ଚ୍ଚାର ସାମାଜିକ ସଂଗଠନର ସଂଯୋଜକ ଦାୟିତ୍ୱ ମିଳିଛି। ସେ ଛାତ୍ର ଜୀବନରୁ ସାହିତ୍ୟ, ଖବରଦାତା ଓ ସାମାଜିକକର୍ମୀ ଭାବେ କାର୍ଯ୍ୟ କରୁଥିବା ବେଳେ ପ୍ରକୃତିବନ୍ଧୁ, ପ୍ରକୃତି ମିତ୍ର, ଓ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପାଇଛନ୍ତି। ବିଦ୍ୟାର୍ଥୀ ପରିଷଦ, ହିନ୍ଦୁ ପରିଷଦ ଏବଂ ସ୍ୱୟଂସେବକ ସଂଘର ସମର୍ପିତ କାର୍ଯ୍ୟକର୍ତ୍ତା ଭାବେ ଜଣାଶୁଣା। ନୂତନ ଦାୟିତ୍ୱ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ବାର୍ତ୍ତା ଜଣାଯାଉଛି। ନୂତନ ଦାୟିତ୍ୱ ପାଇଁ ଜିଲ୍ଲା ସଭାପତି ସୁକଦେବ ମହାନ୍ତ, ଜିଲ୍ଲାର ଯୁବମୋର୍ଚ୍ଚା ସଭାପତି ରୁଦ୍ର ପ୍ରସାଦ ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବନ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

ପାଟଣା,୧।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କର୍ମଚାରୀ ବିଭିନ୍ନ ଦୁର୍ନୀତିରେ ଲିପ୍ତଥିବା ଅଭିଯୋଗ ହୋଇଛି। ଭାଜପାର ପୂର୍ବତନ ପାଟଣା ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ମହାନ୍ତ କେନ୍ଦୁଝର ଡିଏଫ୍ ଓ ଧନ୍‌ରାଜ ହନୁମନ୍ତ ଧାମଧେର ଓ ପୋଷ୍ଟାଲ ଯୋଗେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ରାଉରକେଲା (ଆରସିସିଏଫ)ଙ୍କୁ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ତଣ୍ଡୋବିଟ୍ ଅନ୍ତର୍ଗତ କୋଠାଘରଗ୍ରାମର ଖାତା ନମ୍ବର ୧୨୦, କୁମୁଳାବାହାଳି ଖାତା ନମ୍ବର ୮୨ର ପ୍ଲଟ୍ ନମ୍ବର ୧୨୭୬, ଘାଟବାଲିଯୋଡ଼ି ଖାତା ନମ୍ବର ୧୨୦ର ପ୍ଲଟ୍ ନମ୍ବର ୧୨୬ରୁ ଆକାଶିଆ ଗଛଗୁଡ଼ିକୁ ବେଆଇନ ଭାବେ ପାଟଣା ବନ ବିଭାଗ ପକ୍ଷରୁ କାଟି ବିକ୍ରି କରାଯାଇଛି। ଏଥିସହ ପିଚ୍ଛୁଳାବେଡ଼ାରେ ପିଇଓ ଏବଂ ସରପଞ୍ଚଙ୍କ ନିର୍ଦ୍ଦେଶ କ୍ରମେ ରାସ୍ତା କାମ ଚାଲୁଥିବା ସମୟରେ ୨୫ ଡିସେମ୍ବରରେ ଫରେଷ୍ଟର ଚିତ୍ତରଞ୍ଜନ ପରିଡ଼ା ଚଢ଼ାଉ କରି ଏକ ଗାଡି ଜବତ କରିଥିଲେ। ଜଣଙ୍କୁ ୩ ଦିନ ଅଟକ ରଖାଯାଇଥିଲା। ମାର୍ଚ୍ଚ ୩ରେ ପୁଟୁଳିଆ କାଠ ଡିପୁରେ ଏକ ବାଲି ଟ୍ରିପ ଦରକାର ଅଛି କହି ଟ୍ରାକ୍ଟର (ନଂ. ଓଡି ୦୯ ଏଲ ୫୦୪୪) ଡାକି ବନପାଳ ନିରଞ୍ଜନ ସେଠୀ ଅଟକ ରଖିବା ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ପାଟଣା ବନପାଳ ନିରଞ୍ଜନ ସେଠୀ କହିଛନ୍ତି, କୋଠାଘର ଗ୍ରାମରୁ କାଠ କାଟିବା ତାଙ୍କ ସମୟର ଘଟଣା ନୁହଁ। କୁମୁଳାବାହାଳୀ ଓ ଘାଟବାଲି ଯୋଡ଼ି ଘଟଣାରେ ମାମଲା ରୁଜୁ ହୋଇ ତଦନ୍ତ ହୋଇଛି। ରମେଶ ଚନ୍ଦ୍ର ମହାନ୍ତ ୨୩ ମାର୍ଚ୍ଚରେ ବୈତରଣୀର ନୂଆଗାଁ ଘାଟରୁ ଟ୍ରାକ୍ଟରରେ ବେଆଇନ ବାଲି ଚାଲାଣ କରୁଥିବା ବେଳେ ବନ ବିଭାଗ ଗାଡ଼ି ଜବତ କରି ମାଇନିଂ ବିଭାଗକୁ ଜରିମାନା ପାଇଁ ଲେଖିଛନ୍ତି। ସେହି ରାଗରେ ଉଦ୍ଦେଶ୍ୟମୂଳକ ଭାବେ ଭିତ୍ତିହୀନ ଅଭିଯୋଗ କରାଯାଇଛି। ଡିଏଫ୍‌ଓ କହିଛନ୍ତି, ଅଭିଯୋଗ ଆଧାରରେ ସେ ମଙ୍ଗଳବାର ପାଟଣା ଯାଇ ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।

# ୬ ଦିନ ହେଲା ନାବାଳିକା ନିଖୋଜ

ପାଟଣା,୧।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟ ନାବାଳିକା ଗତ ଶୁକ୍ରବାର ରାତିରୁ ନିଖୋଜ ଅଛନ୍ତି। ସେ ଘରୁ କେଉଁଆଡ଼େ ଚାଲିଯାଇଛନ୍ତି। ନାବାଳିକା ଜଣଙ୍କ ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ପରୀକ୍ଷା ଦେଉଛନ୍ତି। ପରିବାର ଲୋକେ ବନ୍ଧୁବାନ୍ଧବଙ୍କ ଘରେ ଖୋଜି ନ ପାଇ ପାଟଣା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ. ୧୩୩/୨୬) ରୁଜୁ ହୋଇ ତଦନ୍ତ ଚାଲିଥିବା ପାଟଣା ଥାନା ଏସ୍‌ଆଇ ଲକ୍ଷ୍ମଣ ମାଝି କହିଛନ୍ତି।

# ବାର୍‌ହା ଆକ୍ରମଣରେ ୨ ଭାଇ ଗୁରୁତର

ଢେଙ୍କିକୋଟ,୧।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଦେଓବନ୍ଧ ଫରେଷ୍ଟ ସେକ୍ସନ ଗଣ୍ଡଶୀଳାରେ ବୁଧବାର ବାର୍‌ହା ଆକ୍ରମଣରେ ୨ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ରୋହିଦାସ ମହାନ୍ତ(୪୫) ଓ କୁଶଧଜ ମହାନ୍ତ(୫୦)। ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବାର୍‌ହା ଗାଁକୁ ପଶିଯାଇଥିବା ବେଳେ ଲୋକେ ଘୋଉଡ଼ାଉଥିଲେ। ଏହି ସମୟରେ ବାର୍‌ହା ଆକ୍ରମଣ ୨ ଭାଇ ଗୁରୁତର ହୋଇଥିବା ଦେଓବନ୍ଧ ଫରେଷ୍ଟର ଶରଣ ବାରିକ କହିଛନ୍ତି।

# ବାଇକ୍ ଚୋରି ଗ୍ୟାଙ୍ଗର ୨ ଗିରଫ

ଆନନ୍ଦପୁର,୧।୪(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସ୍ପେସାଲ ସ୍କ୍ୱାଡ ଏକ ବାଇକ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଗ୍ୟାଙ୍ଗର ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪ଟି ବାଇକ୍ ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟ ଟୋଲଙ୍ଗପଡ଼ା ଗାଁର ଇଶ୍ୱର ଜେନା ଓ ଅମରଜିତ ଜେନା। ଚଳିତ ବର୍ଷ ଦେଓଗାଁ ଜାଗର ମେଳାରେ ଦୋକାନ ଦେଇଥିବା ଫକିରପୁରର ବ୍ୟବସାୟୀ ସନ୍ତୋଷ ରଣାଙ୍କ ବାଇକ(ଓଡ଼ି ୦୯୦୩୪୯)କୁ କେହି ଦୁର୍ବୃତ୍ତ ଫେବୃଆରୀ ମାସ ୨୬ରେ ଚୋରି କରିନେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା(ନଂ.୨୭/୨୬)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଏସ୍‌ଡିପିଓ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ୨ ଅଭିଯୁକ୍ତଙ୍କୁ ଗିରଫ କରି ୪ଟି ଚୋରା ବାଇକ ଜବତ କରିଛି। ଏକ ମାମଲା(ନଂ.୭୧/୨୬) ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଘଟଣାରେ ଜଡ଼ିତ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା କହିଛନ୍ତି।

# ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟକୁ ନେଇ ବିକ୍ଷୋଭ

ବଉଳା,୧।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡ଼ିହୀ ବ୍ଲକ୍ ଶାଳଣିଆଁଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଭାଜପା ଏମ୍‌ପିଙ୍କ ଅପମାନସୂଚକ ମନ୍ତବ୍ୟ ବିରୋଧରେ ବିଜୁ ଛାତ୍ର ଓ ଯୁବ ବିଜୁ ଜନତା ପକ୍ଷରୁ ବିକ୍ଷୋଭ ଓ କୁଶପୁତଳିକା ଦାହ କରାଯାଇଛି। ଭାଜପା ଏମ୍‌ପି ଦେଇଥିବା ଅପମାନସୂଚକ ମନ୍ତବ୍ୟରେ ସେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରାଯାଇଥିଲା। ଏହି ସମୟରେ ବିଜୁ ଜନତା ଦଳର ଜିଲ୍ଲା ଛାତ୍ର ସଭାପତି ଅମରେନ୍ଦ୍ର ଧଳ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ବରିଷ୍ଠ ବିଜେଡି କର୍ମୀ ରଞ୍ଜନ ପହି ପ୍ରମୁଖ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ମା' ବାସୁଲୀ, ଶୀଖ୍ରେଶ୍ୱର ମହାଦେବଙ୍କ ପୁନଃଥଇଥାନ

ଯୋଡ଼ା,୧।୪(ମାନସ ମହାନ୍ତି)

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ବ୍ଲକ୍ ନାରଦପୁର ପଞ୍ଚାୟତ ଅନ୍ତର୍ଗତ ଆଙ୍ଗୁଳିଆ ବିସ୍ଥାପିତ କଲୋନୀରେ ମା' ବାସୁଳୀ ଓ ବାବା ଶୀଖ୍ରେଶ୍ୱର ମହାଦେବଙ୍କ ପୁନଃଥଇଥାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର କଲୋନୀରେ ନବନିର୍ମିତ ହୋଇଥିବା ମା' ବାସୁଳୀଙ୍କ ମନ୍ଦିର ପ୍ରତିଷ୍ଠା ସହିତ ପୁରୁଣା ଚମକପୁରରେ ବାବା ଶୀଖ୍ରେଶ୍ୱର ମହାଦେବଙ୍କୁ କଳସ ଯାତ୍ରାରେ ଆଣି ଅସ୍ଥାୟୀ ଶିବ ମନ୍ଦିରରେ ପୁନଃଥଇଥାନ କରାଯାଇଥିଲା। ବୁଧବାର ମା' ବାସୁଳୀ ଓ ପାର୍ଶ୍ୱ ଦେବଦେବୀଙ୍କୁ ଶୋଭାଯାତ୍ରାରେ ଆଣି ନବ ନିର୍ମିତ ମନ୍ଦିରରେ ଥଇଥାନ କରାଯାଇଥିଲା। ଲିଙ୍ଗରାଜ ନାଏକ, ପୁରୁଷୋତ୍ତମ ନାଏକ, ଇଶ୍ୱର ଚନ୍ଦ୍ର ନାଏକ, ଅମର ନାଏକ, ବିଚିତ୍ରାନନ୍ଦ ଦାସ, ଦୁଷ୍ମନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର,୧।୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝରଗଡ଼ ସିଦ୍ଧମଠଠାରେ ଥିବା ମନୋଜ ମଞ୍ଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ଏବଂ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଅନୁଦାନ ପ୍ରାପ୍ତ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ରଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଦୀର୍ଘ ୩୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସିଥିଲେ। ମୁଖ୍ୟ ଅତିଥିଭାବେ ମନୋଜ ମଞ୍ଜରୀ ଶିଶୁ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଯୋଗଦେଇଥିଲେ। ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ସାହୁ, ରଚିତା ରାଣୀ ସାହୁ, ଅଧ୍ୟାପକ ଅନନ୍ତ ନାଥ ଶର୍ମା ତାଙ୍କର ଅବସର ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ।

# ରନ୍ଧନ ଗ୍ୟାସ୍ ଯୋଗାଣରେ ବିଭ୍ରାଟ

## ସଙ୍କଟ ନ ଥିବା କହିଲା ପ୍ରଶାସନ, ଜିଲ୍ଲାପାଳଙ୍କୁ ଭେଟିଲେ ନାଗରିକ ମଞ୍ଚ

କେନ୍ଦୁଝର,୧।୪(ଦୀପକ ମିଶ୍ର)

ମଧ୍ୟପ୍ରାଚ୍ୟ ଯୁଦ୍ଧର ଭୟଙ୍କର ପରିଣାମ ସୃଷ୍ଟି ହୋଇଥିବା ବେଳେ ତୈଳ ଓ ଗ୍ୟାସ ଯୋଗାଣରେ ସଙ୍କଟ ଦେଖାଯାଇଛି। ଏହାର ପ୍ରଭାବରେ ଲୋକେମାନେ ଆତଙ୍କିତ ହୋଇପଡିଛନ୍ତି। କେନ୍ଦୁଝରରେ ଗ୍ୟାସ ସିଲିଣ୍ଡ ଭରପୁର ଥିବା ପ୍ରଶାସନ କହୁଥିବା ବେଳେ ଯୋଗାଣରେ ବିଭ୍ରାଟକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ନାଗରିକ ମଞ୍ଚ ସଦସ୍ୟ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟିଛନ୍ତି।

ପ୍ରକାଶ ଯେ, ହିନ୍ଦୁସ୍ତାନ ପେଟ୍ରୋଲିୟମର ଗ୍ୟାସ ଏଜେନ୍ସିଭାବେ କେନ୍ଦୁଝର ସହର ଓ ଆଖପାଖ ଅଞ୍ଚଳରେ ବ୍ରମହେଶ୍ୱର ଏଜେନ୍ସି କାର୍ଯ୍ୟ କରୁଥିଲା। ଏଜେନ୍ସି ବିରୋଧରେ ବିଭିନ୍ନ ଅଭିଯୋଗ ପରେ କମ୍ପାନୀ ପକ୍ଷରୁ ଏଜେନ୍ସିକୁ ସାମୟିକ ଭାବେ ନିଲମ୍ବିତ କରାଯାଇଥିଲା। ଏବେ ବଡ଼ବିଲର ଗ୍ୟାସ ଏଜେନ୍ସି ମା' ତାରିଣୀ ଗ୍ୟାସକୁ କେନ୍ଦୁଝରର ଉପଭୋକ୍ତାଙ୍କୁ ଜାଳେଣି ଗ୍ୟାସ ଯୋଗାଣ ନିମନ୍ତେ ଦାୟିତ୍ୱ ଦିଆଯାଇଛି। ତେବେ ଜାଳେଣି ଗ୍ୟାସ ଯୋଗାଣରେ ବିଭ୍ରାଟ ବହୁ ଆଗରୁ ହୋଇ ଆସୁଥିବା ବେଳେ ଅନେକ ହିନ୍ଦୁସ୍ତାନ ପେଟ୍ରୋଲିୟମ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ କିଛି ପଦକ୍ଷେପ ନେଉ ନ ଥିଲେ। ଏବେ ଯୁଦ୍ଧ ପରିସ୍ଥିତି ଦ୍ୱାହି ଦେଇ ବିତରଣରେ ବିଭ୍ରାଟ କରାଯାଉଥିବା ଅଭିଯୋଗ ହେଉଛି। ମଙ୍ଗଳବାର କେନ୍ଦୁଝରର ୨ଟି ନାଗରିକ ମଞ୍ଚ ମଧ୍ୟରୁ ଗୋଟାଏ ମଞ୍ଚର କାର୍ଯ୍ୟକର୍ତ୍ତା ହିମାଂଶୁ କୁଅଁର, ଦିଲୀପ ସାହୁ, ପ୍ରଫୁଲ୍ଲ ସାହୁ, ଡା. ମଦନମୋହନ ମହାପାତ୍ର ପ୍ରମୁଖ ଜିଲ୍ଲା ଯୋଗାଣ ଅଧିକାରୀ ଓ ଜିଲ୍ଲାପାଳ ବିଶାଳ ସିଂହଙ୍କୁ ସାକ୍ଷାତ କରି ଜାଳେଣି ଗ୍ୟାସ ଯୋଗାଣ ବିଭ୍ରାଟର ସମାଧାନ ପାଇଁ ଅନୁରୋଧ କରିଛନ୍ତି। କେନ୍ଦୁଝର ବେସାମରିକ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ କହିଛନ୍ତି, ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଜାଳେଣି ଗ୍ୟାସ ଯୋଗାଣରେ ମିଛଟାରେ ସଙ୍କଟ ରହିଛି ବୋଲି ପ୍ରଚାର ହୋଇଗଲା। ଲୋକେ ଆତଙ୍କିତ ହୋଇ ଗ୍ୟାସ ଗୋଦାମରେ ଭିଡ଼ ଲଗାଉଛନ୍ତି। କେନ୍ଦୁଝରରେ ବର୍ତ୍ତମାନ ୨୬୦୦୦ ପାଖାପାଖି ଉପଭୋକ୍ତା ଥିବା ବେଳେ ବଡ଼ବିଲର ମା' ତାରିଣୀ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ଉପଭୋକ୍ତାଙ୍କ ଘର ନିକଟକୁ ଯୋଗାଣ ମଙ୍ଗଳବାରରୁ ଆରମ୍ଭ ହୋଇଛି, ଏହା ଗୋଟିଏ ସପ୍ତାହରେ ସମାଧାନ ହୋଇଯିବ ବୋଲି ସେ କହିଥିଲେ।



